## ବାଲେଶ୍ୱର ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ୍ ସିଜନ୍-୪ ଉଦ୍‌ଘାଟିତ




ବାଲେଶ୍ୱର, ୨୮।୬ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏସନ ସହିତ ସହବନ୍ଧିତ ହେଇଥିବା ବାଲେଶ୍ୱର ଡିଷ୍ଟ୍ରିକ୍ଟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ୨୮ ତାରିଖ ଠାରୁ ଚତୁର୍ଥ ବାଲେଶ୍ୱର ଡିସ୍‌ଟ୍ରିକ୍ଟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଆସୋସିଏସନ ସଭାପତି ଚିନ୍ମୟ କାନ୍ତି ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ସ୍ନୋ ୱାର୍ଲ୍ଡ ମେରାଇନର ନିର୍ଦ୍ଦେଶକ ପ୍ରକାଶ କୁମାର ମହାନ୍ତି, ଓଏସିସର ନିର୍ଦ୍ଦେଶକ ସଞ୍ଜୟ ସାହୁ, ଆସୋସିଏସନର ରାଜ୍ୟ ଯୁଗ୍ମ ସମ୍ପାଦକ ଜୟ ପ୍ରକାଶ ସିଂହ ଓ ଜିଲ୍ଲାସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତଥା ବିଧାୟକ ମାନସ ଦତ୍ତ କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବ ସମାଜ ନିଜର ସ୍ୱାସ୍ଥ୍ୟକୁ ସୁସ୍ଥ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଇନଡୋର ଷ୍ଟାଡିୟମର ଅଧିକ ବିକାଶ ପାଇଁ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ଅତ୍ୟାଧୁନିକ ଇନଡୋର ଷ୍ଟାଡିୟମର ବିକାଶ ପାଇଁ କିଭଳି ଆର୍ଥିକ ଅନୁଦାନ ଦେବେ ସେ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ଦତ୍ତ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଏହି ଉଦ୍‌ଘାଟନୀ ସଭାରେ ଜିଲ୍ଲାପାଳ ଆଶିଷ ଠାକରେ କହିଥିଲେ, କେବଳ କ୍ରିକେଟ ଯୁବସମାଜ ପାଇଁ ଖେଳ ହୋଇ ନ ରହୁ। ଅନ୍ୟାନ୍ୟ ଖେଳ ପ୍ରତି ମଧ୍ୟ ଯୁବସମାଜର ଆଗ୍ରହ ସୃଷ୍ଟି ହେବା ନିତାନ୍ତ ଆବଶ୍ୟକ। ବାଲେଶ୍ୱର ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଖେଳାଳି ମାନଙ୍କୁ ନେଇ ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ଜିଲ୍ଲାପାଳ ଆୟୋଜକ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସଭାରେ ପ୍ରତିଯୋଗିତାରେ ଭାଗ ନେଇଥିବା ବ୍ୟାଡମିଣ୍ଟନ ଖେଳାଳି ଓ ଖେଳ ପ୍ରେମୀ ଉପସ୍ଥିତ ଥିଲେ।

# ୩ ଘରୋଇ ବିଦ୍ୟାଳୟ ସମ୍ମୁଖରେ ଟ୍ରାଫିକ୍ ଜାମ୍ ଜଟିଳ



* ଘଣ୍ଟାଏ ଅଟକୁଛି ଆମ୍ବୁଲାନ୍ସ
* ପୁଲିସ ପ୍ରଶାସନ ଓ ଟ୍ରାଫିକ ଥାନା କର୍ତ୍ତୃପକ୍ଷ ନିରବଦ୍ରଷ୍ଟା
* ସ୍କୁଲ ପରିସରରେ ପାର୍କିଂ ବ୍ୟବସ୍ଥା ଦାବି

ବାଲେଶ୍ୱର, ୨୮।୬(ସମିସ):

ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗ ଏବଂ ଜେଲ ରୋଡରେ ଅବସ୍ଥିତ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ଅରବିନ୍ଦ ଶିକ୍ଷାକେନ୍ଦ୍ର ଓ ସେଣ୍ଟ ଭିନସେଣ୍ଟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପାଇଁ ସାଇକେଲ, ମୋଟରସାଇକେଲ ଓ କାର ରଖିବା ପାର୍କିଂ ବ୍ୟବସ୍ଥା ନ ଥିବା ଯୋଗୁ ସମ୍ପୃକ୍ତ ବିଦ୍ୟାଳୟ ଗୁଡିକ ସମ୍ମୁଖ ରାସ୍ତାରେ ଦୈନଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଛି।

ସହରବାସୀ ଏ ବାବଦରେ ବାରମ୍ବାର ଅଭିଯୋଗ କରିଥିଲେ ବି, ସ୍ଥାନୀୟ ପୁଲିସ ପ୍ରଶାସନ ଓ ଟ୍ରାଫିକ ଥାନା ପୁଲିସ ନିରବ ରହୁଛନ୍ତି। ଦୀର୍ଘ ପଚାଶ ବର୍ଷର ଶିକ୍ଷାନୁଷ୍ଠାନ ହେଉଛି ସେଣ୍ଟ ଭିନସେଣ୍ଟ ବିଦ୍ୟାଳୟ। ଏହି ବିଦ୍ୟାଳୟ ଆରମ୍ଭ ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ତେର ଥିଲା। ମାତ୍ର ବର୍ତ୍ତମାନ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୧୩ଶହରେ ପହଞ୍ଚିଛି। କ୍ରମ ବର୍ଦ୍ଧିଷ୍ଣୁ ବାଲେଶ୍ୱର ସହରର ଫାଣ୍ଡି ଛକରୁ ମୋତିଗଞ୍ଜ ବଜାରକୁ ଯାଇଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟ ରହିଛି। ତେବେ ପାଣି ଟାଙ୍କି ଛକ ଠାରେ ଷ୍ଟେସନ ଛକରୁ ଆସିଥିବା ଜେଲ ରୋଡ ରାସ୍ତା ଏବଂ ବିବେକାନନ୍ଦ ମାର୍ଗ ରାସ୍ତା ମିଶିଛି। ପ୍ରତି ମିନିଟରେ ଏହି ବିବେକାନନ୍ଦ ମାର୍ଗ ଓ ଜେଲ ରୋଡ୍ ରାସ୍ତାଦେଇ ଶହଶହ ଯାନବାହାନ ଚଳାଚଳ ହେଉଛି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାତାୟାତ କରିବା ପାଇଁ ଏହି ଦୁଇଟି ମୁଖ୍ୟ ରାସ୍ତା ହୋଇଥିବା ଯୋଗୁ ପ୍ରତି କୋଡିଏ ମିନିଟରେ ଏହି ରାସ୍ତା ଦ୍ୱୟଦେଇ ତିନୋଟି ଆମ୍ବୁଲାନ୍ସ ଯାତାୟାତ କରିଥାଏ। ଏତଦଭିନ୍ନ ବିବେକାନନ୍ଦ ରାସ୍ତାରେ ସେଣ୍ଟ ଭିନସେଣ୍ଟ ସ୍କୁଲ ଥିଲାବେଳେ ଜେଲ ରୋଡ ରାସ୍ତାରେ ଜିଲ୍ଲା ସ୍କୁଲ, ଅରବିନ୍ଦ ଶିକ୍ଷାକେନ୍ଦ୍ର, ପବ୍ଲିକ ସ୍କୁଲ ଓ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ରହିଛି। ପବ୍ଲିକ ସ୍କୁଲ ଓ ଜିଲ୍ଲା ସ୍କୁଲ ପରିସରରେ ପାର୍କିଂ ବ୍ୟବସ୍ଥା ରହିଛି। ମାତ୍ର ଅନ୍ୟ ତିନୋଟି ଘରୋଇ ବିଦ୍ୟାଳୟ ପରିସରରେ ପାର୍କିଂ ବ୍ୟବସ୍ଥା ନାହିଁ। ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ରାସ୍ତାରେ ନିଜନିଜର ମୋଟରସାଇକେଲ ଓ ଗାଡି ଛିଡା କରାଉଛନ୍ତି। ବିଶେଷକରି ଏହି ତିନୋଟି ଘରୋଇ ବିଦ୍ୟାଳୟକୁ ଅଭିଭାବକମାନେ ନିଜନିଜର ପିଲା ମାନଙ୍କୁ ବାଇକ କିମ୍ବା କାରରେ ନେବା ଆଣିବା କରିଥାନ୍ତି। ବିଦ୍ୟାଳୟ ଛୁଟି ସମୟରେ ରାସ୍ତା କଡ଼ରେ ଅଭିଭାବକ ମାନେ ପିଲା ମାନଙ୍କୁ ଘରକୁ ନେବା ପାଇଁ କାର ଓ ବାଇକ ଧରି ଅପେକ୍ଷା କରିଥାନ୍ତି। ଫଳରେ ଏହି ତିନୋଟି ବିଦ୍ୟାଳୟର ସମ୍ମୁଖ ରାସ୍ତାରେ ଦୈନଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି। ହେଲେ ଏହି ସମସ୍ୟା ଆଜିର ନୁହେଁ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ନିୟମ ମୁତାବକ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ବିଦ୍ୟାଳୟ ପରିସରରେ ଷ୍ଟାଫ ଓ ଅଭିଭାବକ ମାନଙ୍କ କାର ଓ ବାଇକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ। ମାତ୍ର ଏହି ତିନୋଟି ବିଦ୍ୟାଳୟ ପରିସରରେ ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ସ୍କୁଲ ଛୁଟି ହେବା ସମୟରେ ଏହି ତିନୋଟି ସ୍କୁଲର ସମ୍ମୁଖ ରାସ୍ତାରେ ଛାତ୍ରଛାତ୍ରୀ, ପଥଚାରୀ ଓ ଆମ୍ବୁଲାନ୍ସ ଗାଡିକୁ ଘଣ୍ଟାଘଣ୍ଟା ଧରି ଅଟକି ରହିବାକୁ ପଡୁଛି। ଶୁକ୍ରବାର ଦିନ ପୂର୍ବାହ୍ନରେ ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲର କୁନିକୁନି ଛାତ୍ରଛାତ୍ରୀ ମାନଙ୍କର ୟୁନିଟ ୱାନ ପରୀକ୍ଷା ଥିଲା। ସେଥିପାଇଁ ସ୍କୁଲ ଛୁଟି ବେଳେ ଏହି ରାସ୍ତାଟି ଅସମ୍ଭବ ଭିଡ଼ ହେଇଥିଲା। ରାସ୍ତା ଜାମ ହେଇଯିବା ଯୋଗୁଁ ପିଲାମାନେ ଓ ତାଙ୍କ ବାପା-ମା ଏପରିକି ଆମ୍ବୁଲାନ୍ସ ଗାଡିବି ଘଣ୍ଟେ କାଳ ଫସି ଯାଇଥିଲା। ପ୍ରତିଦିନ ଉପରୋକ୍ତ ତିନୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଏଭଳି ଟ୍ରାଫିକ ସମସ୍ୟା ଉପୁଜୁଛି।

ତେଣୁ ଏସପିଙ୍କ ତରଫରୁ ଏହି ଘରୋଇ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ବିଦ୍ୟାଳୟ କ୍ୟାମ୍ପସରେ କାର ଓ ବାଇକ ପାର୍କିଙ୍ଗ ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବାଲାଗି ସାଧାରଣରେ ଦାବି ହେଉଛି। ଏହା ହେଲେ ରାସ୍ତା ଜାମ ଭଳି ଅବ୍ୟବସ୍ଥା ସମାଧାନ ହେଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ଏହି ଘରୋଇ ବିଦ୍ୟାଳୟ ତିନୋଟିର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଦ୍ୱାରା ଦୈନଦିନ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ବାବଦରେ ଅଙ୍ଗରଗଡ଼ିଆ ନିବାସୀ ତଥା ସାମ୍ବାଦିକ ଜିତେନ୍ଦ୍ର ମହାନ୍ତି କୁହନ୍ତି, ଧୀରେ ଧୀରେ ବାଲେଶ୍ୱର ସହରରେ ଲୋକ ସଂଖ୍ୟା ସହିତ ଯାନବାହାନ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କିନ୍ତୁ ସହରର ରାସ୍ତା ଅଣଓସାରିଆ ହେଇଥିବାରୁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଜେଲ ରୋଡ ଓ ବିବେକାନନ୍ଦ ମାର୍ଗ ରାସ୍ତାରେ ଥିବା ତିନୋଟି ଘରୋଇ ବିଦ୍ୟାଳୟର ଛୁଟି ହେବା ସମୟରେ ସମ୍ମୁଖ ରାସ୍ତାରେ ପ୍ରାୟଦିନ ଅଘୋଷିତ ରାସ୍ତାରୋକ ହେଉଛି। ଏପରିକି ରୋଗୀ ନେଇଯାଉଥିବା ଆମ୍ବୁଲାନ୍ସ ଗାଡିକୁ ମଧ୍ୟ ଯିବାକୁ ଦିଆଯାଉନି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଉଚିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସେହଭଳି ଷ୍ଟେସନ ଛକ ଅଞ୍ଚଳର ଦିଲ୍ଲୀପ ଦାସ ମହାପାତ୍ର କହିଛନ୍ତି, ବାଲେଶ୍ୱର ପୁଲିସ ସାଧାରଣ ଲୋକଙ୍କ ଠାରୁ ଟ୍ରାଫିକ ନିୟମ ଭାଙ୍ଗିବା ପାଇଁ ଫାଇନ ନେଉଛନ୍ତି। ଦୈନଦିନ ଏହି ତିନୋଟି ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରାସ୍ତାରେ ଯେଉଁଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ତାହା କ'ଣ ପୁଲିସ ପ୍ରଶାସନକୁ ଦେଖାଯାଉ ନାହିଁ ବୋଲି ଶ୍ରୀ ଦାସମହାପାତ୍ର ପ୍ରଶ୍ନ କରିଛନ୍ତି।

## ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ




ବାଲେଶ୍ୱର, ୨୮।୬(ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ କେଉଁଭଳି ନିଜର ଶାରୀରିକ ଓ ମାନସିକ ସୁରକ୍ଷା ଓ ସନ୍ତୁଳନ ପାଇଁ ଯତ୍ନବାନ ହେବେ ସେଥିପାଇଁ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ପରିସର ଓ ପରିବେଶକୁ ସୁରକ୍ଷା ରଖିବାକୁ ଏହି କାର୍ଯ୍ୟକ୍ରମର ସଂଯୋଜକ ମନୋରଞ୍ଜନ ପଣ୍ଡା ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ମହାବିଦ୍ୟାଳୟକୁ ନିଜର ଭାବି ଏହାର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ସୁରକ୍ଷା ସପ୍ତାହର ଶପଥ ପାଠ କରାଇଥିଲେ। ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ଏହି ସୁରକ୍ଷା ସପ୍ତାହର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏସ.ଏମ. ଡି.ସି ସଦସ୍ୟ ଭାରତ ମେହେଟା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବାଣିଜ୍ୟ ଅଧ୍ୟାପିକା ପ୍ରିୟଙ୍କା ପତି ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ କ୍ୟାମ୍ପସ ତଥା ମହାବିଦ୍ୟାଳୟ ପରିବେଶର ସୁରକ୍ଷା ପାଇଁ ପ୍ରୟାସ କରିବା ପାଇଁ କହିଥିବାବେଳେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ସୋନାଲିସା ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିବା ବେଳେ ମହାବିଦ୍ୟାଳୟର ସୁରକ୍ଷା ପାଇଁ ସମସ୍ତେ ପ୍ରୟାସ କରିବେ ବୋଲି ସାମୂହିକ ଶପଥ ନେଇଥିଲେ।

## ରକ୍ଷଣାବେକ୍ଷଣ ଅଭାବ
# ପେଭର୍ ବ୍ଲକ୍ ରାସ୍ତାରେ ଉଠିଲାଣି ଘାସ ଓ ଅନାବନା ଗଛ





ବାଲେଶ୍ୱର, ୨୮।୬ (ସମିସ):

ପିଚୁ ଓ କଂକ୍ରିଟର ସ୍ଥାନ ନେଉଛି ପେଭର୍ ବ୍ଲକ। ବାଲେଶ୍ୱର ସହରର ବିଭିନ୍ନ ଗଳିକନ୍ଦି, ଛୋଟ ରାସ୍ତା, ରାସ୍ତା ପାର୍ଶ୍ୱ ପାଦଚଲା ସମେତ ବିଭିନ୍ନ ୱାର୍ଡରେ ବିଛା ଚାଲିଛି ଏହି ପେଭର୍ ବ୍ଲକ। ଏହା ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ସହ ସହଜ ରକ୍ଷଣାବେକ୍ଷଣ ବ୍ୟବସ୍ଥାରେ ସହାୟ ହେଉଛି। କିଛି ବର୍ଷ ତଳେ ବାଲେଶ୍ୱର ସହରରେ ଆରମ୍ଭ ହୋଇଥିଲା ଏହି କାମ। ପୌରାଞ୍ଚଳର ଛୋଟ ଛୋଟ ତଥା କଚ୍ଚା ରାସ୍ତାକୁ ପରିବର୍ତ୍ତନ କରାଯାଇ ପେଭର୍ ବ୍ଲକ ବିଛାଯାଇଥିଲା। ଏଥିସହିତ ମୁଖ୍ୟ ରାସ୍ତା ଦୁଇ ପାଖ ପାଦଚଲା ଏବଂ ଓପନ୍ ଜିମ୍ ଅଞ୍ଚଳରେ ଏହି ପେଭର୍ ବ୍ଲକ କାମ କରାଯାଇଛି। ତେବେ ଏସବୁର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଅନେକ ସ୍ଥାନରେ ପେଭର୍ ବ୍ଲକ ପଡ଼ିଥିବା ଜାଗାରେ ଅନାବନା ଗଛ ଓ ବଡ଼ ବଡ଼ ଘାସ ଉଠିଗଲାଣି। ଫଳରେ ଏହା ଧୀରେ ଧୀରେ ଜଙ୍ଗଲରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବା ବେଳେ ଓପନ୍ ଜିମ୍ କୁ ଯାଉଥିବା ଲୋକମାନେ ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ୨୦୨୧ ମସିହାରେ ପୌରପାଳିକା ପକ୍ଷରୁ ପ୍ରଥମେ ଏହି ପେଭର୍ ବ୍ଲକ ବିଛାଇବା ଅଭିଯାନ ଆରମ୍ଭ ହୋଇଥିଲା। ସେତେବେଳର ପୌରପାଳିକା ନିର୍ବାହୀ ଯନ୍ତ୍ରୀ ଆଶିଷ ଈଶ୍ୱର ପାଟିଲ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପୌରପାଳିକାର ସମସ୍ତ ୱାର୍ଡରେ ପେଭର୍ ବ୍ଲକ ସଡକ ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା। ବିଶେଷକରି ଯେଉଁ ଯେଉଁ ଅଞ୍ଚଳରେ ମାଟି ରାସ୍ତା ସେଠାରେ ଏହି ପେଭର୍ ବ୍ଲକ ସଡକ ନିର୍ମାଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ପୌରପାଳିକା ୪୮ ଟି ପେଭର୍ ବ୍ଲକ ସଡକ ନିର୍ମାଣ କାମ କରିଥିଲା। ପୌରପାଳିକା ଅଞ୍ଚଳରେ ଥିବା ସମସ୍ତ ଛୋଟ ଛୋଟ ରାସ୍ତାକୁ ପେଭର୍ ବ୍ଲକ ସଡ଼କରେ ପରିଣତ କରିବା ପାଇଁ ସେତେବେଳେ ଯୋଜନା କରାଯାଇଥିଲା। ଏଥିସହିତ ଛୋଟ ଛୋଟ ରାସ୍ତା କାମ ଆରମ୍ଭ ହେବା ପୂର୍ବରୁ ଓଟି ରୋଡ୍‌ର ଦୁଇ ପାଖ ପାଦଚଲା ରାସ୍ତାରେ ପେଭର୍ ବ୍ଲକ ବିଛାଯାଇଥିଲା। ଯେଉଁଠି ବର୍ତ୍ତମାନ ଘାସ, ଲଟା ଆଦି ମାଡିଗଲାଣି। ଏହି ରାସ୍ତା ନିର୍ମାଣ ନିମନ୍ତେ ଗୋଟିଏ ରାସ୍ତା ପିଛା ୨ ରୁ ୬ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୋଇଥିଲା। ସହରର ଓପନ୍ ଜିମ୍ ଲାଗିଥିବା ଅଞ୍ଚଳ, ଛୋଟ ଛୋଟ ରାସ୍ତା, ବସ୍ତି ରାସ୍ତା, ପାର୍କ ଏବଂ ଆର୍ଟ ଗ୍ୟାଲେରୀ ଭିତରେ ଏହି ପେଭର୍ ବ୍ଲକ ସଡକ ତିଆରି ହୋଇଛି। ହେଲେ ଆର୍ଟ ଗ୍ୟାଲେରୀ ଭିତରେ ଏହି ପେଭର୍ ବ୍ଲକ ଉପରେ ଘାସ ଉଠି ଗାଲିଚା ସୃଷ୍ଟି ହୋଇଗଲାଣି। ସେହିପରି ପିଡବ୍ଲୁଡି ଅଫିସ ନିକଟରେ ନୂଆ କରି ନିର୍ମାଣ ହୋଇଥିବା ଓପନ୍ ଜିମ୍ କେନ୍ଦ୍ରରେ ପେଭର୍ ବ୍ଲକ ବିଛାଯାଇଛି। ହେଲେ କିଛି ମାସ ନ ବିତୁଣୁ ସେଠାରେ ମଧ୍ୟ ଘାସ ବଢ଼ିଲାଣି। ଘାସ ଭିତରେ ପେଭର୍ ବ୍ଲକ ମଧ୍ୟ ଲୁଚିବାକୁ ବସିଲାଣି। ଏହାକୁ ସଫେଇ କରିବା ଦିଗରେ ଅବହେଳା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ପେଭର୍ ବ୍ଲକ ସଡକରେ ମରାମତି କାମ ନିମନ୍ତେ ଅତ୍ୟନ୍ତ ସୁବିଧଜନକ। କିଛି ଖରାପ ହେଲେ ରାସ୍ତା ଆଉ ଖୋଳିବାକୁ ପଡ଼ିବନି। ବରଂ ଯେଉଁଠି ଖରାପ ଥିବ ସେଠାରେ ନୂଆ ପେଭର୍ ବ୍ଲକ ଲଗାଯାଇ ପାରିବ। ବର୍ଷା ହେଲେ ରାସ୍ତାରୁ ପିଚୁ ଉଠିବନି କି ପାଣି ନିଷ୍କାସନର ସମସ୍ୟା ଉପୁଜିବନି। କାରଣ ଏହି ବର୍ଷା ଜଳକୁ ମାଟି ତଳକୁ ଶୋଷି ନେବାର କ୍ଷମତା ରଖିଛି। ବର୍ତ୍ତମାନ ଏହା ପିଚୁ ଓ କଂକ୍ରିଟ ରାସ୍ତାର ବିକଳ୍ପର ବାଟ ବାହାର କରି ସହରରେ କିଛି ବର୍ଷ ହେବ ପେଭର୍ ବ୍ଲକ ବିଛା କାମ ଚାଲିଛି। ସହରର ବିଭିନ୍ନ ୱାର୍ଡର ରାସ୍ତା, ମୁଖ୍ୟ ରାସ୍ତାର ପାର୍ଶ୍ୱ ଚଲାପଥ ରାସ୍ତା ଏବଂ ଓପନ୍ ଜିମ୍ ଆଦି ଅଞ୍ଚଳରେ ବ୍ୟବହାର ହେଉଛି ଏହି ପେଭର୍ ବ୍ଲକ। ଏହା ଦ୍ୱାରା ବର୍ଷା ଜଳ ନିଷ୍କାସନର ବାଟ ମଧ୍ୟ ଫିଟିବ। ସହରରେ ଏପରି କାମକୁ ନେଇ କେହି ସ୍ୱାଗତ କରିଥିବା ବେଳେ କେହି କେହି ନିମ୍ନମାନର କାମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ବାଲେଶ୍ୱର ସହରରେ ପୌରପାଳିକା, ପିଡବ୍ଲୁଡି ଏବଂ ଏସଏଚଜି ପକ୍ଷରୁ ଏହି ସଡକ ନିର୍ମାଣ ଦାୟିତ୍ୱ ତୁଲାଉଛନ୍ତି। ବସ୍ତି ଅଞ୍ଚଳରେ ଏସଏଚଜି ଗ୍ରୁପ୍ ଦାୟିତ୍ୱ ନେଇଥିବା ବେଳେ ରାସ୍ତା ଗୁଡ଼ିକରେ ପିଡବ୍ଲୁଡି କାମ କରୁଛି। ବାକି ପୌରପାଳିକା ଅଞ୍ଚଳରେ କଣ୍ଟ୍ରାକ୍ଟର ଦ୍ୱାରା କାମ ହେଉଛି। ତେବେ ପେଭର୍ ବ୍ଲକ ବିଛା ଯାଇଥିବା ସ୍ଥାନରେ ଅଧିକ ଚଲାବୁଲା ବା ଯାତାୟାତ ନ ରହିଲେ ସେଠାରେ ଘାସ ଆଦି ଉଠିଥାଏ। ଯେହେତୁ ପେଭର୍ ବ୍ଲକ ତଳେ ବାଲି ଓ ମାଟି ଆଦି ରହିଛି ସେଥିପାଇଁ ଘାସ ଉଠିବାର ସମ୍ଭାବନା ଅଛି। ହେଲେ ଏହା ଯେଉଁ ବିଭାଗ ଅଧୀନରେ ଯାଉଛି ସେମାନେ ରକ୍ଷଣାବେକ୍ଷଣ କରିବା ଉଚିତ୍ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

* ସିପିଆଇ(ଏମ୍) ଜିଲ୍ଲା କମିଟିର ସାମ୍ବାଦିକ ସମ୍ମିଳନୀ

## ଗୋଷ୍ଠୀ ସଂଘର୍ଷ ଘଟଣାର ତଦନ୍ତ କମିଟି ଗଠନ ଦାବି

ବାଲେଶ୍ୱର, ୨୮।୬ (ସମିସ): ସିପିଆଇ (ଏମ୍) ବାଲେଶ୍ୱର ଜିଲ୍ଲା କମିଟିର ଜିଲ୍ଲା କମିଟି ଅଫିସ ନୂଆବଜାରଠାରେ ବାଲେଶ୍ୱର ସହରରେ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଶିଶିର ହୁଇଙ୍କ ନେତୃତ୍ୱରେ ସିତାଂଶୁ ସେନାପତି, ବିଜୟ ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଶ୍ଚର୍ଯ୍ୟ ଏବଂ ରାଜ କିଶୋର ଲେଙ୍କାଙ୍କୁ ନେଇ ଏକ ପ୍ରତିନିଧି ଦଳ ସହରର ସୁନହଟ୍‌ର ଝୁମା ମସ୍‌ଜିଦ୍ ଲେନ୍, ଭୁଜାଖୁଆ ପୀର ବାବା ଅଞ୍ଚଳ, କସବା ମହଲ ପ୍ରଭୃତି ଅଞ୍ଚଳର ବାସିନ୍ଦା, ଶାନ୍ତି କମିଟି ସଭ୍ୟ ଏବଂ ସମସ୍ତ ବର୍ଗର ଜନସାଧାରଣଙ୍କୁ ଭେଟିଥିଲେ। କର୍ଫ୍ୟୁ ଆସ୍ତେ ଆସ୍ତେ କୋହଳ ହେଲେ ମଧ୍ୟ ସ୍ୱାଭାବିକ ଜୀବନ ଯାପନର ଅବସ୍ଥା ଏବେ ବି ଅସ୍ୱାଭାବିକ ରହିଥିବା ପ୍ରତିନିଧି ଦଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଗତ ୨୨ ଜୁନ୍ ଇଣ୍ଡିଆ ବ୍ଲକ ତରଫରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଭେଟିବା ସମୟରେ ଯେଉଁ ସମସ୍ତ ପ୍ରସ୍ତାବ ଦେଇଥିଲେ କୌଣସି ଏକ ପ୍ରସ୍ତାବ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବା ପ୍ରଶାସନର ନିରପେକ୍ଷତା ଉପରେ ସନ୍ଦେହକୁ ପ୍ରକଟିତ କରୁଛି। ସମସ୍ତ ରାଜନୈତିକ ଦଳ, ପୁନଃ ଗଠନ କରିଥିବା ଶାନ୍ତି କମିଟି, ସାମାଜିକ ସଂଗଠନ, ମହିଳା ସଂଗଠନ, ଟ୍ରେଡ୍ ୟୁନିଅନ ନେତା ଏବଂ ବୁଦ୍ଧିଜୀବୀମାନଙ୍କର ବୈଠକ ଡାକି ସେମାନଙ୍କର ମତାମତକୁ ଆଧାର କରି ବ୍ୟବସ୍ଥା ନେବା ପାଇଁ ପ୍ରଶାସନର ଇଚ୍ଛା ଶକ୍ତିର ଅଭାବ ରହିଛି ବୋଲି କହିଥିଲେ। ଆଜିର ଏହି ସମ୍ମିଳନୀରେ ସି.ପି.ଆଇ.(ଏମ୍) ଏଭଳି ଘଟଣାର ମୂଳ କେଉଁଠି ଏବଂ ପ୍ରକୃତ ଦୋଷୀ କିଏ ଜାଣିବାକୁ ହେଲେ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ଜଜ୍‌ଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଛି। ଏହାବ୍ୟତୀତ ଜିଲ୍ଲାସ୍ତରରେ ସମସ୍ତ ରାଜନୈତିକ ଦଳ ସମେତ ପୁନଃ ଗଠିତ ଶାନ୍ତି କମିଟି, ସାମାଜିକ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଗଣସଂଗଠନ, ମହିଳା ସଂଗଠନ, ଟ୍ରେଡ୍ ୟୁନିଅନ ଏବଂ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ଡ଼ାକି ଆତଙ୍କର ପରିବେଶକୁ ସମାପ୍ତ କରିବା ଦିଗରେ ସରକାର ଓ ପ୍ରଶାସନ ପଦକ୍ଷେପ ନେବା ପାଇଁ ଆଜିର ପ୍ରେସ ସମ୍ମିଳନୀରେ ସି.ପି.ଆଇ.(ଏମ୍) ବାଲେଶ୍ୱର ଜିଲ୍ଲା ନେତୃତ୍ୱ ଦୃଢ଼ ଦାବି କରିଛି।



# ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ଘର

ବାଲେଶ୍ୱର, ୨୮।୬(ସମିସ) : ବାଲେଶ୍ୱର ସହର ଉପକଣ୍ଠ ସହଦେବଖୁଣ୍ଟା ଥାନା ଅଧୀନସ୍ଥ ହରିପୁର ଗ୍ରାମରେ ଅଘଟଣ ଘଟିଛି। ରୋଷେଇ ଘରେ ଥିବା ଗ୍ୟାସ ଟାଙ୍କି ଫାଟି ଘଟିଲା ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡରେ ଜଳିଗଲା ଘର। ପୋଡ଼ିଜଳି ପାଉଁଶ ହେଲା ଆସବାବପତ୍ର ଓ ସମସ୍ତ ଘରୋଇ ସାମଗ୍ରୀ। ମାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକ। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିବା ଜଣାପଡ଼ିଛି। ହରିପୁର ଗ୍ରାମର ଯମୁନା ବାରିକଙ୍କ ଘରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ରୋଷେଇ ଘରେ ହଠାତ୍ ଗ୍ୟାସ ଟାଙ୍କି ଫାଟିଥିଲା। ଫଳରେ ଅଗ୍ନିକାଣ୍ଡ ଘଟି ଘର ସାରା ବ୍ୟାପି ଯାଇଥିଲା। ଅତ୍ୟଧିକ ଗରମ ଯୋଗୁଁ ପରିବାର ଲୋକେ ବାହାରେ ଥିବାରୁ ଅଗ୍ନିକାଣ୍ଡରେ କେହି ଶିକାର ହୋଇନଥିଲେ କିମ୍ବା କ୍ଷୟକ୍ଷତି ଘଟି ନ ଥିବାର ଜଣାପଡ଼ିଛି। ଘରଟି ଜଳି ଯାଉଥିବାର ଦେଖି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ନିଆଁକୁ ରୋକିବା ପାଇଁ ଚେଷ୍ଟା କରିଥିଲେ। ଅଳ୍ପ ସମୟ ମଧ୍ୟରେ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିନେଇଥିଲା।




## ଲୋ-ଭୋଲଟେଜ୍ ସମସ୍ୟା ଦୂର କରିବାକୁ ଦାବି

ରୂପସା, ୨୮।୬ (ସମିସ) : ରୂପସା ବିଦ୍ୟୁତ ସେକ୍ସନ ଅଧିନସ୍ଥ ଓଡ଼ିଆଶାସନ ବିଦ୍ୟୁତ ଟ୍ରାନ୍ସଫର୍ମରରେ ଦୀର୍ଘଦିନ ଧରି ଲୋ-ଭୋଲଟେଜ ସମସ୍ୟା ଯୋଗୁଁ ଅସନ୍ତୋଷ ଲାଗିରହିଛି। ବାରମ୍ବାର ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଓଡ଼ିଆ ଶାସନ ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ହରେନ୍ଦ୍ର କୁମାର ଦାସ, ଦେବାଶିଷ ମହାପାତ୍ର, ବାଞ୍ଛାନିଧି ଦେ, ଅବଦୁଲ ସାଦିକ ଖାନ, ଗୋପାଳ ଚନ୍ଦ୍ର ଦାଶ, ଗଙ୍ଗାଧର ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପ୍ରଫୁଲ ଦାସ, ଅଭିମନ୍ୟୁ ବର ପ୍ରମୁଖ ଏକ ପ୍ରତିନିଧି ଦଳ ଶୁକ୍ରବାର ବାଲେଶ୍ୱର ଏମପି, ଜିଲ୍ଲାପାଳ ଓ ବିଦ୍ୟୁତ ବିଭାଗ ଏସଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତି ଗାଁରେ ଆବଶ୍ୟକ ଅନୁଯାୟୀ ଅଲଗା ଅଲଗା ଟ୍ରାନ୍ସଫର୍ମର ବସା ଯାଇ ଖୁବ୍‌ଶୀଘ୍ର ୧୧ କେଭି ବିଦ୍ୟୁତ ମାଧ୍ୟମରେ ବିଦ୍ୟୁତିକରଣ କରାଯିବ ବୋଲି ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ଓ ଏକଜିକ୍ୟୁଟିଭ ଇଞ୍ଜିନିୟର ପ୍ରତିଶ୍ରୁତି ଦେଇଥିଲେ। ଏହି ଓଡ଼ିଆଶାସନ ୨୫୦/୩୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଅଧୀନରେ ଓଡ଼ିଆଶାସନ, ନୀଳବାଡି, ଉପର ବାରାପାଳ, ଗଡ଼ପଦା, ବାଖରାବାଦ କୈବର୍ତ୍ତସାହି ଆଦି ଗ୍ରାମର ପ୍ରାୟ ୪ଶହ ଉପଭୋକ୍ତା ବିଦ୍ୟୁତ ସେବା ପାଇଥାନ୍ତି। ଲୋ ଭୋଲଟେଜ ଯୋଗୁଁ ବାରମ୍ବାର ଅଭିଯୋଗ ପରେ ତତ୍କାଳୀନ ଜେଇ, ଏସଡ଼ିଓ ଓ ଏସଇ ତତ୍ପରତା ଦେଖାଇ ବାଖରାବାଦ ଠାରେ ରେଳଧାରଣା ପାରିହୋଇ ପୂର୍ବ ପଟ ବାଖରାବାଦ ଗ୍ରାମରୁ ମାଟି ତଳ ଦେଇ କେବୁଲ ଯୋଗେ ପଶ୍ଚିମ ପଟ କୈବର୍ତ୍ତସାହି ଗ୍ରାମ ପଟକୁ ୧୧କେଭି ବିଦ୍ୟୁତ ତାର ଅତିକ୍ରମ କରିଥିଲେ। ହେଲେ ପ୍ଲାନ ଏଷ୍ଟିମେଟ ମୁତାବକ ଏଯାବତ ୧୧ କେଭି ମାଧ୍ୟମରେ ପ୍ରତି ଗାଁକୁ ଅଲଗା ଅଲଗା ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସଂଯୋଗ କରାଯାଉ ନଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ଲାଗିରହିଛି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଲାଗିରହିଥିଲେ ହେଁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଉପଭୋକ୍ତା କମିଟି ପକ୍ଷରୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସରକାରୀ ଜାଗାରୁ ବର ଓ ଅଶ୍ୱସ୍ତ ଗଛ କଟାକୁ ନେଇ ଅଭିଯୋଗ



ଜଳେଶ୍ୱର ବ୍ଲକ, ୨୮।୬ (ସମିସ): ତାପମାତ୍ରା ବୃଦ୍ଧିକୁ ନେଇ ସାରା ଦେଶରେ ଲୋକେ ଅସ୍ତବ୍ୟସ୍ତ ହେବା ଯୋଗୁଁ ସରକାର, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତି ବିଶେଷ ଅମ୍ଳଜାନ ଓ ସ୍ୱାଭାବିକ ପରିସ୍ଥିତି କୁ ଫେରାଇ ଆଣିବା ପାଇଁ ଗଛ ଲଗାଉଥିବା ବେଳେ ଗତ ଜୁନ ୨୫ ଦିନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତର ଗୋବର୍ଦ୍ଧନପୁର ରାଜସ୍ୱ ଗ୍ରାମସ୍ଥିତ ପାଟଣାସାହି ପଡ଼ା ଗ୍ରାମର କେତେଜଣ ବ୍ୟକ୍ତି ମଙ୍ଗଳବାର ପାଟଣାସାହି ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଏକ ସରକାରୀ ଜାଗାରେ ୧୦/୧୨ ବର୍ଷ ପୂର୍ବରୁ ଲଗାଯାଇଥିବା ବର ଓ ଅଶ୍ୱସ୍ଥ ଯୁଗ୍ମ ଗଛ ଟିକୁ କାଟି ଦେଇଛନ୍ତି। ଉକ୍ତ ଗଛକୁ ଗ୍ରାମର ସମସ୍ତ ପୁରୁଷ ଓ ମହିଳା ମାନେ ଦେବଦେବୀ ଭାବରେ ବିଶ୍ୱାସ କରି ଧାର୍ମିକ ହିନ୍ଦୁ ପରମ୍ପରା ଅନୁସାରେ ବର୍ଷ ଯାକ ପାଣି ଢ଼ାଳି ପୂଜାର୍ଚ୍ଚନା କରି ଆସୁଥିଲେ। ଗ୍ରାମବାସୀ ଉକ୍ତ ବୃକ୍ଷକୁ ଆରାଧ୍ୟ ଦେବଦେବୀ ଭାବରେ ବିଶ୍ୱାସ କରି ବୃକ୍ଷ ମୂଳରେ ଏକ ପକ୍କା ଚାନ୍ଦିନୀ ନିର୍ମାଣ କରି ସେଠାରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରି ଆସୁଥିଲେ। ଗଛ କାଟିବା ସମୟରେ ଗଛ ନିକଟରେ ଥିବା ଠାକୁରଙ୍କ ଚାନ୍ଦିନୀକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଯାହାକି ହିନ୍ଦୁ ଧର୍ମରେ ବ୍ୟାଘାତ ସୃଷ୍ଟି ହୋଇଥିବା ବେଳେ ଲୋକେ ଖରାଦିନେ ଗଛ ମୂଳେ ଆଶ୍ରୟ ନେଉଥିବା ବ୍ୟକ୍ତି ବିଶେଷ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଛ କାଟିବା ପୂର୍ବରୁ ନା ଗ୍ରାମର ଲୋକଙ୍କୁ ଜଣେଇଛନ୍ତି, ନା ଜଙ୍ଗଲ ବିଭାଗର ଅନୁମତି ନେଇଛନ୍ତି। ଗଛ କାଟିବା ସହିତ ଉକ୍ତ ସ୍ଥାନକୁ ଜୋର ଜବରଦସ୍ତ ବାଡ଼ କରି ଦଖଲ କରି ନାନା ଧମକ ମଧ୍ୟ ଦେଇଥିଲେ। ଉକ୍ତ ଘଟଣାରେ ଯେଉଁ ମାନେ ବେଆଇନ ଭାବେ ଗଛ କାଟିଛନ୍ତି, ସେମାନଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଲେଶ୍ୱର ଉପ ଜିଲ୍ଲାପାଳ, ତହସିଲଦାର ଓ ଜିଲ୍ଲା ଜଙ୍ଗଲ ବିଭାଗର ଅଧିକାରୀ ଓ ଜଳେଶ୍ୱର ରେଞ୍ଜ ଅଧିକାରୀଙ୍କୁ ଉଚିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଭଗିରଥ ବଡୁ, ଅରୁଣ ବେହେରା, ସୁରେନ୍ଦ୍ର ବେହେରା, ବରେନ୍ଦ୍ର ବେହେରା, ପୁରସ୍ତମ ବେହେରା, ଶମ୍ଭୁନାଥ ଗିରି, ବରୁଣ ବେହେରା, ଦୟାନିଧି ଦାସ, ମନୁ ଚରଣ ଦାସ, ସୁଶାନ୍ତ ସେଠୀ, ମଧୁସୂଦନ ମହାନ୍ତି ଓ ସଞ୍ଜୟ ନାଥ ପ୍ରମୁଖ ଦାବୀ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି।

## ପଞ୍ଚାୟତ ପୋଖରୀରୁ ପାଣି ବାହିବାକୁ କେନ୍ଦ୍ରକରି ଥାନାରେ ମାମଲା



ରାଜଘାଟ, ୨୮।୬ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ନାବଦା ଗ୍ରାମରେ ପଞ୍ଚାୟତ ପୋଖରୀରୁ ପାଣି ବାହିବାକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ମାମଲା ଯାଇ ଥାନାରେ ପହଞ୍ଚିଛି। ଅଭିଯୋଗ ମୁତାବକ, ଗତ ୨୬ ତାରିଖ ବୁଧବାର ଗ୍ରାମର ବରେନ୍ଦ୍ର ପରିଡ଼ା ବେଆଇନ ଓ ବିପଦ ସଙ୍କୁଳ ଭାବେ ତାର ଟାଣି ଦୁଇଟି ଇଲେକ୍ଟ୍ରିକ୍ ମୋଟର ସାହାଯ୍ୟରେ ପଞ୍ଚାୟତ ପୋଖରୀରୁ ପାଣି ବାହୁଥିଲେ। ଯାହାକୁ କିଛି ଗ୍ରାମବାସୀ ବିରୋଧ କରି ସ୍ଥାନୀୟ ବିଦ୍ୟୁତ୍ ବିଭାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପାଉଁଶ କୁଲି ପଞ୍ଚାୟତର ସରପଞ୍ଚ ଓ ବସ୍ତା ବିଡ଼ିଓଙ୍କୁ ଜଣାଇଥିଲେ। ତେବେ ଘଟଣାସ୍ଥଳରେ ବିଦ୍ୟୁତ୍ ବିଭାଗର ଅଧିକାରୀ ପହଞ୍ଚି ତଦନ୍ତ କରିବା ସହିତ ବିଦ୍ୟୁତ୍ ତାର ଖୋଲି ଦେବା ପରେ ମୋଟର ଦୁଇଟି କୁ ଗ୍ରାମବାସୀ ନିଜ ହେପାଜତରେ ରଖି ନ୍ୟାୟ ପାଇଁ ବସ୍ତା ଥାନା ଅମର୍ଦ୍ଦା ଫାଣ୍ଡିରେ ପୂର୍ଣଚନ୍ଦ୍ର ପାତ୍ର ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଆଜି ଅମାରଦା ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁରୁ ଘଟଣା ସ୍ଥଳରେ ପହଞ୍ଚି ଘଟଣା ବାବଦରେ ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ର ଦାସ, ସମରେନ୍ଦ୍ର ଜେନା, ହେମେନ୍ଦ୍ର ବାରିକ, ସଞ୍ଜୟ କୁମାର ଦାସ ସମେତ ଉପସ୍ଥିତ ଗ୍ରାମ ବାସୀଙ୍କୁ ପଚାରି ବୁଝିବା ସହିତ ଦୁଇଟି ବିଦ୍ୟୁତ ଚଳିତ ମୋଟରକୁ ଜବତ କରିଛନ୍ତି। ତେବେ ଏ ନେଇ ଘଟଣା ବାବଦରେ ପାଉଁଶକୁଲି ସରପଞ୍ଚ ବିନ୍ଧୁବାଳା ସେନାପତିଙ୍କୁ ପଚାରିବାରୁ ସେ ଘଟଣା ବାବଦରେ ଅବଗତ ଅଛନ୍ତି, ପୋଖରୀଟି ଅପରିତ୍ୟକ୍ତ ହୋଇ ବ୍ୟବହାର ଅନୁପଯୋଗୀ ଥିବାରୁ ନିଲାମ ହୋଇ ପାରିନାହିଁ। ଚାଷକାର୍ଯ୍ୟ ପାଇଁ ଗ୍ରାମର କିଛି ବ୍ୟକ୍ତି ପାଣି ନେବେ ବୋଲି ଲିଖିତ ଜଣାଇଥିଲେ ମାତ୍ର ବିବାଦ ହେବାରୁ ପାଣି ବାହିପାରି ନାହାନ୍ତି। ରାଜନୈତିକ ଅଭିସନ୍ଧି ରଖି ଉଦ୍ଦେଶ୍ୟ ମୂଳକ ଭାବେ ଏପରି କରାଯାଉଛି। ଖୁବ୍‌ଶୀଘ୍ର ପୋଖରୀ ପୁନରୁଦ୍ଧାର କରି ନିଲାମ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଟ୍ରକ-ସ୍କୁଟି ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

ସୋର, ୨୮।୬(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରେ ଟ୍ରକ ଓ ସ୍କୁଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଖଇରା ଥାନା ଡାଲଙ୍ଗ ଗ୍ରାମର ଭରତ ପୃଷ୍ଟିଙ୍କ ପୁଅ ଉମେଶ ପୃଷ୍ଟି, ସମୀର ମହାରଣା ଓ ଆଟପୁର ଗ୍ରାମର ଶୁଭଙ୍କର ପାତ୍ର ଏକ ସଂକୀର୍ତ୍ତନ ମଣ୍ଡଳୀରେ କାମ କରନ୍ତି। ଆଜି ସକାଳେ ବାଲିଆପାଳରୁ କୀର୍ତ୍ତନ ସାରି ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଏହି ଛକ ନିକଟରେ ଏକ ଟ୍ରକ ତାଙ୍କ ସ୍କୁଟିକୁ ଧକ୍କା ଦେବାରୁ ଉମେଶଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସମୀର ଓ ଶୁଭଙ୍କର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଉମେଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଶୁଭଙ୍କରର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଥନାରେ ରଖିବା ସହିତ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୋର ଥାନାରେ ଶାନ୍ତି କମିଟି ବୈଠକ



ସୋର, ୨୮।୬ (ସମିସ):

ସୋରରେ ପବିତ୍ର ରଥଯାତ୍ରା ଏବଂ ମହରମ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସୋର ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା, ସୋର ଅତିରିକ୍ତ ତହସିଲଦାର ଜଗନ୍ନାଥ ବେହେରା, ସୋର ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ସୋର ଅଗ୍ନିଶମ ବିଭାଗର କେନ୍ଦ୍ରଅଧିକାରୀ ଯମୁନା ପ୍ରସାଦ ମହନ୍ତ, ପୂର୍ବତନ ନଗରପାଳ ବଙ୍କେଶ ବେହେରା, ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି କେଉଁଭଳି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାଇ ରଖି ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଓ ମହରମ ପର୍ବକୁ ପାଳନ କରିହେବ ସେ ବାବଦରେ କମିଟି ସଦସ୍ୟଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଉଭୟ ସମ୍ପ୍ରଦାୟରୁ ସେକ ରେହମାନ, ସେକ ହାଲିମ, ସାହେବ ଖାନ କାଦ୍ରୀ, କାହ୍ନୁଚରଣ ବେହେରା, ରାଜେନ୍ଦ୍ର ମହାନ୍ତି, ବିଷ୍ଣୁ ମୋହନ ପଣ୍ଡାଙ୍କ ସମେତ ସମସ୍ତ ଶାନ୍ତି କମିଟି ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି, ସୋରର ଅଗ୍ରଣୀ ଅନୁଷ୍ଠାନ, ନାଗରିକ ମଞ୍ଚର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି କିଭଳି ଭାବେ ଶାନ୍ତି ଶୃଂଖଳା ର ସହ ପାଳନ କରିହେବ ସେ ବାବଦରେ ଆଲୋଚନା କରିଥିଲେ। ଏଥର ପୌର ପାଳିକାର ପ୍ରତି ୱାର୍ଡରେ ମାଇକ୍ରୋ ଶାନ୍ତି କମିଟି ମାନ ତିଆରି କରାଯାଇ ଶାନ୍ତି ଶୃଙ୍ଖଳାକୁ ତଦାରଖ କରାଯିବ ବୋଲି ଏସଡିପିଓ ଡ଼. ବେଉରା ସୂଚନା ଦେଇଛନ୍ତି।ଏହି ବୈଠକକୁ ସୋର ଥାନାର ସମସ୍ତ ଅଧିକାରୀ ଏବଂ ଅଧିକାରିଣୀ ମାନେ ପରିଚାଳନା କରିଥିଲେ।

# ରମାକାନ୍ତ ବେହେରା ଓ କବି କାଳୀପଦ ପଣ୍ଡାଙ୍କୁ ଅବଦୁଲ ରହିମ୍ ସ୍ମୃତି ସମ୍ମାନ



ବାଲେଶ୍ୱର, ୨୮।୬(ସମିସ): ଫକୀରମୋହନଙ୍କ ସମୟର ମହାନ୍ ଔପନ୍ୟାସିକ ତଥା ସୁଲେଖକ ଭୋଗରାଇ ମାଟିର ପ୍ରଥମ କଥାକାର, ଅବଦୁଲ ରହିମଙ୍କ ୧୩୧ତମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରମାକାନ୍ତ ବେହେରା ଏବଂ କବି କାଳୀପଦ ପଣ୍ଡାଙ୍କୁ 'ଅବଦୁଲ ରହିମ ସ୍ମୃତି ସମ୍ମାନ- ୨୦୨୪' ପ୍ରଦାନ କରାଯାଇଛି। ଅବଦୁଲ ରହିମ ସ୍ମୃତି ସଂସଦ ଭୋଗରାଇ ପକ୍ଷରୁ ଭୋଗରାଇର ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଅବଦୁଲ ରହିମଙ୍କ ୧୩୧ତମ ପୁଣ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏକ ତେଜରାତି ଦୋକାନର ପରିତ୍ୟକ୍ତ କାଗଜଗଦା ମଧ୍ୟରୁ ଠାବ କରିଥିବା ହଜାର ହଜାର ପୃଷ୍ଠାର ପାଣ୍ଡୁଲିପିକୁ ଦୀର୍ଘ ବାର ବର୍ଷ ଧରି ଯାହା ଅସ୍ପଷ୍ଟ କରଣୀ ଅକ୍ଷରରେ ଲିଖିତ ଥିଲା, ତାହାକୁ ପଢ଼ି ସମ୍ପାଦିତ ପରେ ୨୪ ବର୍ଷ ପୂର୍ବେ ଅବଦୁଲ ରହିମ ଗ୍ରନ୍ଥାବଳୀ ନାମରେ ଡ. ବେହେରା ଅବଦୁଲ ରହିମଙ୍କ ଲେଖାଗୁଡ଼ିକୁ ଲୋକଲୋଚନକୁ ଆଣି ଯେଉଁ କଷ୍ଟସାଧ୍ୟ ଜାତୀୟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେଥିପାଇଁ ତାଙ୍କୁ ଏବଂ ସେହି ଗ୍ରନ୍ଥାବଳୀର ଦ୍ୱିତୀୟ ପୂର୍ଣାଙ୍ଗ ପରିବର୍ଦ୍ଧିତ ସଂସ୍କରଣକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ତାଙ୍କ ପ୍ରକାଶନୀରୁ ପ୍ରକାଶ କରିଥିବାରୁ ଉଭୟଙ୍କର ସେହି ମହନୀୟ ଅବଦାନକୁ ସମ୍ମାନ ଜଣାଇ ଚଳିତ ବର୍ଷର ଜୟନ୍ତୀ ଉତ୍ସବରେ ଅବଦୁଲ ରହିମ ସ୍ମୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଉଭୟ ସମ୍ମାନିତ ପ୍ରତିଭାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

# ଆଦିବାସୀ ମାନ୍ୟତା ନେଇ କୁଡ଼ୁମୀ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର, ୨୮।୬(ସମିସ): କୁଡ଼ୁମୀ ସେନା ପକ୍ଷରୁ କୁଡ଼ୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ପାଇଁ ଏକ ଦଶନ୍ଧିରୁ ଉର୍ଦ୍ଧ ହେବ ଆନ୍ଦୋଳନ ଜାରି ରହିଛି। ତେଣୁ ଏବେ ଏହି ଦାବିକୁ ପୂରଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଡ଼ୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ, ସୁଶିଲ ମହାନ୍ତ, ହରିହର ମହାନ୍ତ, ଅଶୋକ ମହାନ୍ତ ଓ ମହିଳା ସେନାର ଯଶୋଦା ମହାନ୍ତ, ଲୀଳାବତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।






## ସୁନାର ପାହାଡ଼ ତଳେ ଅଭାବର ପଦଧ୍ୱନି

# ଅଭିଶପ୍ତ ଜୀବନ ଜିଉଁଛନ୍ତି ଦୁଇ ଆଦିବାସୀ

ବଡ଼ବିଲ,୨୮।୬(ସମିସ)





କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ରାଜସ୍ୱ ଆଦାୟ କ୍ଷେତ୍ରରେ ବିଶ୍ୱ ମାନଚିତ୍ରରେ ତାର ପରିଚୟ ସୃଷ୍ଟି କରିଥିବା ବେଳେ ଦୀପ ତଳ ଅନ୍ଧାର ଭଳି ଆଜି ବି ଏଠି ବସବାସ କରୁଥିବା ଅନେକ ନିରୀହ ଅଧିବାସୀ ଦୁଇ ଓଳି ଖାଇବା ଓ ମୁଣ୍ଡ ଗୁଞ୍ଜିବାକୁ ଘର ଟିଏ ନ ଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଯୋଡ଼ା ବ୍ଲକ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ଜିନ୍ଦଲ ଜେଏସ୍‌ଡବ୍ଲୁ, କେଏନ୍‌ରାମ, ବିଆର୍‌ପିଏଲ୍ ଭଳି ଅନେକ ରାଷ୍ଟ୍ରୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀ ତାଙ୍କର ବ୍ୟବସାୟ କରୁଥିବା ବେଳେ ପଞ୍ଚାୟତର ଟଣ୍ଟ ଗ୍ରାମରେ ରହୁଥିବା ସୋମବାରୀ ମୁଣ୍ଡା ଦାରିଦ୍ର୍ୟର କଷାଘାତରେ ସନ୍ତୁଳି ହେଉଛନ୍ତି। ସୁନାର ପାହାଡ଼ ତଳେ ସତେ ଯେମିତି ଦାରିଦ୍ର୍ୟ ତାଙ୍କର ସାଥୀ ପାଲଟିଯାଇଛି। ରତ୍ନଗର୍ଭା ଅଞ୍ଚଳରେ ଥାଇ ମଧ୍ୟ ଅଭିଶପ୍ତ ଜୀବନ ଜିଉଁଛନ୍ତି ସୋମବାରୀ। ବୟସ ୬୦ରୁ ଅଧିକ ହୋଇଥିଲେ ମଧ୍ୟ କୌଣସି ସରକାରୀ ପ୍ରମାଣ ପତ୍ର ନଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ତାଙ୍କ ପରିବାର। ପରିବାର କହିଲେ ଦୁଇଟି ଝିଅ ଓ ଗୋଟେ ପୁଅ। ସ୍ୱାମୀ ସିଧୁ ମୁଣ୍ଡା ଆର ପାରିକୁ ଚାଲିଗଲା ପରେ ଝିଅମାନେ ବିବାହ କରି ଅନ୍ୟତ୍ର ଚାଲି ଯାଇଛନ୍ତି। ଏକମାତ୍ର ପୁଅ ରୋଜଗାର ପାଇଁ ସୁରଟ ଚାଲିଯିବାରୁ ସୋମବାରୀ ଏକୁଟିଆ ହୋଇଯାଇଛନ୍ତି। ଚଳିବା ପାଇଁ କିଛି ବି ସମ୍ବଳ ନାହିଁ। ରତ୍ନଗର୍ଭା ଅଞ୍ଚଳରେ ଥାଇ ବି ଅଭାବ ତାଙ୍କ ପିଛା ଛାଡୁନି। ସେହିପରି ଉକ୍ତ ଗ୍ରାମର ବନମାଳୀ ଗୋପଙ୍କ ବୟସ ୮୦ ବର୍ଷ। ପରିବାରରେ କେହି ନ ଥିବା ବେଳେ ମୁଣ୍ଡ ଗୁଞ୍ଜିବାକୁ ୧୦୦ ବର୍ଗଫୁଟର ଟିଣ ଘେରା କୁଡ଼ିଆରେ ରହୁଛନ୍ତି। ନା ତାଙ୍କ ପାଖରେ ରାସନ କାର୍ଡ ଅଛି ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ମାଗି ଯାଚି ଓଳିଏ ଖାଇଲେ, ଆର ଓଳିକୁ ଉପାସ। ତେବେ ଘର ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଟଣ୍ଟ ଏୟାରଷ୍ଟ୍ରିପ୍ ନିକଟରେ ରହୁଥିବା ସୋମବାରୀ ଓ ବନମାଳୀକୁ ତୁରନ୍ତ ସରକାରୀ ସହାୟତା ଯୋଗେଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୁଅ ଚିନ୍ତାରେ ମା'ର ଆତ୍ମହତ୍ୟା

ତୁରୁମୁଙ୍ଗା,୨୮।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମୁରୁସୁଆଁ ଗ୍ରାମରୁ ଶୋଇବା ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ଗ୍ରାମର ଅଜୟ ସାହୁଙ୍କ ପତ୍ନୀ ରୀନା ସାହୁ (୫୩)। ସୂଚନା ଅନୁସାରେ ମହିଳାଙ୍କ ଗତ ଜୁଲାଇ ମାସରେ ଆତ୍ମହତ୍ୟା କରିବା ପରେ ପୁଅ ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ନିଜ ପିନ୍ଧା ଲୁଗାକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆଜି ଘର ଭିତରେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୯/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସ୍‌ଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ମାସରେ ତାଙ୍କ ପୁଅ ମଧ୍ୟ ଆତ୍ମହତ୍ୟା କରିଥିଲେ।

## ଆକ୍ରମଣ ଘଟଣାରେ ୨ ଗିରଫ

ହାଟଡ଼ିହୀ,୨୮।୬(ସମିସ): ନନ୍ଦିପଦା ଥାନା ଅଧୀନ ମରେଗାଁ ଛକରେ ଘଟିଥିବା ଗତକାଲିର ଆକ୍ରମଣ ଘଟଣାରେ ୨ଜଣଙ୍କୁ ପୁଲିସ୍ ଗିରଫ କରିଛି। ଜନସେବା କେନ୍ଦ୍ରର ମାଲିକ ଅମର ସେଠୀଙ୍କ ପରିବାର ପକ୍ଷରୁ ନନ୍ଦିପଦା ଥାନାରେ ଦିଆଯାଇଥିବା ଲିଖିତ ଅଭିଯୋଗ କ୍ରମେ ପୁଲିସ ଏହାକୁ ଅତି ଗୁରୁତର ଭାବେ ଗ୍ରହଣ କରିଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଚଣ୍ଡିଆବିରଞ୍ଚିପୁର ଗ୍ରାମର ବିଜୟ ଯେନା ଓ ଦାମୋଦର ଯେନା ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରି ୨୦୯/୨୦୨୪ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଆଉ ୪ଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଗିରଫ କରିବା ନେଇ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାଯାଇଛି।

## ଚକ୍ଷୁ ଚିକିତ୍ସା ଶିବିର



କେନ୍ଦୁଝର,୨୮।୬(ସମିସ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ''ସଦ୍‌ଭାବନା' ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ଝୁମ୍ପୁରା ବ୍ଲକ୍‌ର ବଳରାମପୁରଠାରେ ଏକ ମାଗଣା ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବଳରାମପୁରର ୱାର୍ଡମେମ୍ବର କୁନ୍ତଳା ମହାନ୍ତ ଓ ଅଙ୍ଗନବାଡ଼ି କର୍ମୀ ଲଳିତା ମହାନ୍ତ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବଳରାମପୁର ସମେତ କାଞ୍ଜିପାଣି, ରାମଚନ୍ଦ୍ରପୁର ତଥା ଘୁଟୁସାହି ଗ୍ରାମର ମୋଟ ୮୬ ଜଣ ଲୋକ ଏହି ଶିବିରରେ ନିଜର ଆଖି ପରୀକ୍ଷ କରାଇଥିଲେ। ସେଥି ମଧ୍ୟରୁ ୧୨ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଆଗାମୀ ଦିନରେ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ନେଇ ମାଗଣାରେ ମୋତିଆବିନ୍ଦୁ ଅପରେସନ ସହିତ ଔଷଧ ଓ ଚଷମା ଯୋଗାଇ ଦିଆଯିବ। ଏହି ଶିବିରରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝରର ଅଭିଜିତ ପୃଷ୍ଟି, ଅନୀତା ରାଉଳ, ଅନ୍ନପୂର୍ଣ୍ଣା ମହାନ୍ତ ଓ ମୁର୍ଗାବତୀ ବେହେରା ଏବଂ ସଦ୍‌ଭାବନା ଅନୁଷ୍ଠାନର ରେବତୀ ପାତ୍ର, ସୀମା ମହାନ୍ତ, ବବିତା ପ୍ରଧାନ, ଯଶୋଦା ଗିରି, ଦମୟନ୍ତୀ ମହାନ୍ତ ଓ ବନିତା ମହାନ୍ତ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ଶିବିରକୁ ସଦ୍‌ଭାବନା ଅନୁଷ୍ଠାନର ମହେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ।

## ଓଭରବ୍ରିଜ ରାସ୍ତା ସଂଯୋଗୀକରଣରେ ତ୍ରୁଟି

# ରାସ୍ତା ମଝିରେ ଆଣ୍ଠୁଏ ପାଣି



ରାମଚନ୍ଦ୍ରପୁର,୨୮।୬(ସମିସ): ଜାତୀୟ ରାଜପଥ ପ୍ରାଧିକର୍ତ୍ତା ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ଲୋକେ ଭୋଗୁଛନ୍ତି ସମସ୍ୟା। ରାମଚନ୍ଦ୍ରପୁର-ଜରଦା ଭାୟା ଦେଓଗାଁ ହରିଚନ୍ଦନପୁର ରାସ୍ତାଟି ୨୦ ନମ୍ବର ଜାତୀୟ ରାଜପଥ ଜରଦା ଓଭରବ୍ରିଜ ନିକଟ ସଂଯୋଗୀକରଣରେ ତ୍ରୁଟି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ପାଣି ଜମିବା ସହ ଖାଲଖମାରେ ଭର୍ତ୍ତି ହୋଇ ସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଏହି ରାସ୍ତାଟି ରାମଚନ୍ଦ୍ରପୁର-ଜରଦା ଠାରୁ ଓଡିଶାର ପ୍ରସିଦ୍ଧ ଶୈବପିଠ ଦେଓଗାଁ କୁଶଳଶ୍ୱର ମହାଦେବ ପୀଠସ୍ଥଳି ଦେଇ ହରିଚନ୍ଦନପୁର ପର୍ଯ୍ୟନ୍ତ ଯାଇଥିବାରୁ ଏହାର ଗୁରୁତ୍ୱ ଆହୁରି ବଢିଯାଇଛି। ଦୀର୍ଘ ଦୁଇ ବର୍ଷ ଧରି ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡିଛି, ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାଟିକୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

## ପାରିବାରିକ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

ଆନନ୍ଦପୁର,୨୮।୬(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଆଜି ସ୍ଥାନୀୟ କଲରାଗଡିଆ ଗ୍ରାମର କଲବର ବେହେରା(୨୯) ନିଜ ବାଡିରେ ଥିବା ଏକ ଗଛରେ ନିଜ ଗାମୁଛାରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଘସିପୁରା ଥାନା ଅନ୍ତର୍ଗତ ଗୋହିରା ପଞ୍ଚାୟତ କଲରାଗଡିଆ ଗ୍ରାମର ଚୈତନ୍ୟ ବେହେରାଙ୍କ ପୁଅ କଲବର ପାରିବାରିକ ଝଗଡାକୁ ନେଇ ଗତ ୩ ଦିନ ଧରି ମାନସିକ ଅଶାନ୍ତିରେ ଥିବା ବେଳେ ଆଜି ମଧ୍ୟାହ୍ନରେ ସେ ଏକ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଆନନ୍ଦପୁର ଓ ଘସିପୁରା ବିଧାୟକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୨୮।୬(ସମିସ): ନିକଟରେ ଶେଷ ହୋଇଥିବା ୨୦୨୪ ସାଧାରଣ ନିର୍ବାଚନରେ ଆନନ୍ଦପୁର ବିଜୁ ଜନତା ଦଳର ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଘସିପୁରା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବଦ୍ରି ନାରାୟଣ ପାତ୍ରଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମ୍‌ଙ୍କ ସଂଯୋଜନାରେ ସ୍ଥାନୀୟ ଶାଳପଡାଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦୁଇ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳୀୟ କର୍ମକର୍ତ୍ତା ମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର ରଶ୍ମିତା ବାରି, ଲୀନାରାଣୀ ବେହେରା, ଉର୍ବସୀ ସାହୁ, ସୁପ୍ରିୟା ମିଶ୍ର, ମଣିଲତା ରାମ, ଜୟନ୍ତୀ ବେହେରା, ସୁରେନ୍ଦ୍ର କୁମାର ଦାସ, ସୁଜିତ କୁମାର ସାହୁ, କୃଷ୍ଣଚନ୍ଦ୍ର ରଣା, ଲକ୍ଷ୍ମୀଧର ଦେହୁରୀ, ବିଜେଡି ନେତା ରମାକାନ୍ତ ବେହେରା, ଅଜୟ ସାହୁ ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀରେ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସବୁମତେ ଉଦ୍ୟମ କରାଯିବ ବୋଲି ସଂକଳ୍ପବଦ୍ଧ ହୋଇଥିଲେ।

## ଯାତ୍ରୀବାହୀ ବସ୍‌ରେ ଲାଗିଲା ନିଆଁ



ଆନନ୍ଦପୁର,୨୮।୬(ସମିସ): ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥର ଶାଳବଣୀ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଯାଇଥିବା ବେଳେ ବସ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି। କେନ୍ଦୁଝରରୁ ଭଦ୍ରକ ଯାଉଥିବା ଭାଗ୍ୟଲକ୍ଷ୍ମୀ ନାମକ ଏହି ଯାତ୍ରୀବାହୀ ବସ୍ ସବୁଦିନ ପରି ଆଜି ଯାତ୍ରୀଙ୍କୁ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଶାଳବଣୀ ଛକ ନିକଟରେ ସଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା। ବସ୍‌ର ଆଗରେ ଥିବା ଇଞ୍ଜିନ ପାଖରେ ନିଆଁ ଜଳୁଥିବା ଦେଖି ସମ୍ମୁଖରୁ ଆସୁଥିବା ବାଇକ୍ ଯାତ୍ରୀ ବସ୍‌କୁ ଅଟକାଇ ଡ୍ରାଇଭରକୁ ଜଣାଇଥିଲେ। ଯାତ୍ରୀମାନେ ତତ୍‌କ୍ଷଣାତ ବସ୍‌ରୁ ଓହ୍ଲାଇ ଯାଇଥିବା ବେଳେ ବସ୍ କର୍ମଚାରୀମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ନିଆଁକୁ ଆୟତ କରାଯାଇଥିଲା। ତେବେ ବସ୍‌ଟି ଆଗକୁ ଯାଇପାରିନଥିବା ବେଳେ ବସ୍‌ରୁ ଓହ୍ଲାଇଥିବା ଯାତ୍ରୀମାନେ ପରବର୍ତ୍ତୀ ବସ୍‌ରେ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଜଣାଯାଇଛି।

## ଜାତୀୟ ରାଜପଥରେ ଦୁର୍ଘଟଣା



ବେଲବାହାଲି,୨୮।୬(ସମିସ): ୨୦ନଂ ଜାତୀୟ ରାଜପଥ ରାସ୍ତା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ଯାହା ଫଳରେ ଅନେକ ସମୟରେ ଗାଡି ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ଏହି ଡ୍ରାଇଭର ମଦ୍ୟପାନ କରି ଗାଡି ଡିଭାଇଡର ଉପରେ ଚଢ଼ିଥିବା ଜଣା ପଡ଼ିଛି। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ୨୦ନଂ ଜାତୀୟ ରାଜପଥ ଆଜି ପର୍ଯ୍ୟନ୍ତ ମରାମତି ଦାୟୀତ୍ୱ ନେଇଥିବା ଏଆରଏସ୍‌ଏସ୍ କମ୍ପାନୀର କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ କରିପାରିଲେ ନାହିଁ। ବାରମ୍ବାର ଖବର ପ୍ରସାରଣ ହେବା ପରେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏହି ରାସ୍ତାରେ ପ୍ରତେକ ଦିନି ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଭାରୀଯାନ ଓ ଯାତ୍ରୀବାହୀ ଗାଡ଼ିଗୁଡିକ ଯିବା ଆସିବା କରୁଛନ୍ତି। ଦୁଇ ଲାଇନ୍ ରାସ୍ତା ସମ୍ପୂର୍ଣ୍ଣ ହୋଇନଥିବାରୁ ଏନ୍‌ଏଚ ୨୦ନଂ ରାସ୍ତା ମଝିରେ ହଠାତ୍ ଗୋଟିଏ କଟିଂ କରାଯାଇଛି; ଯାହା ଫଳରେ ଗାଡ଼ି ଗୁଡିକ ସମ୍ପୂର୍ଣ୍ଣ ବିପଦରେ ଯିବା ଆସିବା କରୁଛନ୍ତି। ଏହି ସ୍ଥାନଟି ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି କରୁଥିବା କମ୍ପାନୀର ଅବହେଳା ଯୋଗୁଁ ପ୍ରତିଦିନି ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଲୁହାପଥର ବୋଝେଇ ୧୪ଚକିଆ ଟ୍ରେଲର ଗାଡିଟି ନିଜର ଭାରସ୍ୟାମ ହରାଇ ରାସ୍ତା ମଝିରେ ଦୁର୍ଘଟଣା ଘଟି ଏନ୍‌ଏଚ୍ ମଝିରେ ଅଟକି ପଡିଛି। ଡ୍ରାଇଭର ଅଳ୍ପଟିକେ ଆହତ ହୋଇ ବର୍ଞ୍ଚିଯିବା ସହ ରାସ୍ତାରେ ଯିବା ଆସିବା କରୁଥିବା ବାଟୋଇ ମାନେ ବଞ୍ଚି ଯାଇଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ରାସ୍ତା କାମ କରିଥିବା ଏଆରଏସ୍‌ଏସ୍ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି କରିବା ପାଇଁ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ପାନପିକରେ ଝଲସୁଛି ଚମ୍ପୁଆ ଡାକ୍ତରଖାନା



ଚମ୍ପୁଆ,୨୮।୬(ସମିସ): ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା ସହ ଡାକ୍ତରଖାନା ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି କୋଟିକୋଟି ଟଙ୍କା ବ୍ୟୟ କରି ଚାଲିଛନ୍ତି। କିନ୍ତୁ ସ୍ଥାନୀୟ କର୍ମଚାରୀଙ୍କ ଖାମଖିଆଲି ନୀତିରୁ ସେ ସବୁରୁ ସୁଫଳ ମିଳିପାରୁନି। ଏଭଳି ଏକ ଅପ୍ରୀତିକର ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ। ନୂଆରୂପ, ନୂଆ ରଙ୍ଗରେ ସଜେଇ ହୋଇଛି ସ୍ଥାନୀୟ ଉପଖଣ୍ଡ ରେଫେରାଲ ଡାକ୍ତରଖାନା। କିନ୍ତୁ ଦୁଃଖର ବିଷୟ ଏହି ଡାକ୍ତରଖାନାର କିଛି ସ୍ଥାନରେ ପାନ, ଗୁଟ୍‌ଖା ପିକରେ ରଙ୍ଗୀନ ହୋଇ ଝଲକୁଥିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ସେହି ସ୍ଥାନ ଦେଇ ଯିବା ଆସିବା କରୁଥିବା ରୋଗୀ ଓ ସମ୍ପର୍କୀୟ ଅରୁଚିକର ମଣୁଛନ୍ତି। ଯାହାକି ଉଦ୍‌ବେଗଜନକ ହୋଇପଡ଼ିଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଦେଖାଯାଉନି। ଡାକ୍ତରଖାନାରେ ଅନେକ ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଥାଇ ମଧ୍ୟ କିଛି ସ୍ଥାନକୁ ଡଷ୍ଟବିନ ଭାବେ ବ୍ୟବହାର କରି ପରିବେଶ ଦୂଷିତ କରିବା ନେଇ ବାରମ୍ବାର ଅଭିଯୋଗ ମଧ୍ୟ ହୋଇଆସୁଛି। ତଥାପି ନିଦାବିଷ୍ଣୁ ସାଜିଛି ଡାକ୍ତରଖାନା ପ୍ରଶାସନ। ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅବହେଳା କାରଣରୁ ରୋଗୀ ଓ ଅନ୍ୟ ଲୋକମାନେ ଏହି ରାସ୍ତାରେ ଯିବାବେଳେ ନାକରେ ହାତ ଦେଇ ଯିବାକୁ ବାଧ ହେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଜେପିର ନିର୍ବାଚନୀ ସମୀକ୍ଷା ବୈଠକ

ଆନନ୍ଦପୁର,୨୮।୬(ସମିସ): ଘସିପୁରା ନିର୍ବାଚନ ମଣ୍ଡଳୀର ନିର୍ବାଚନୀ ସମୀକ୍ଷା ବୈଠକ ସ୍ଥାନୀୟ ହାଟପଡିଆଠାରେ ଘଟଗାଁ ମଣ୍ଡଳର ସଭାପତି ରବୀନ୍ଦ୍ର ନାରାୟଣ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ୭ଗୋଟି ପଞ୍ଚାୟତରୁ ଆସିଥିବା ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଉପସ୍ଥିତ ରହି ବ୍ୟାପକ ଆଲୋଚନା କରିଥିଲେ। ଅତିଥି ଭାବେ ବରିଷ୍ଠ କାର୍ଯ୍ୟକର୍ତ୍ତା ଶିରୋପାଣି ମହାନ୍ତ, ଭଜନ ସେଠୀ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରବର ମହାନ୍ତ, ନୀଳାମ୍ବର ଦାସ, ନରେନ୍ଦ୍ର ବାଦ୍ରା, ଅଜିତ ଦାସ, ପର୍ଶୁରାମ ନାୟକ, ଗଗନ ନାୟକ, ଅନୀଲ ସେଠୀ, ଜଗତାନନ୍ଦ ନାୟକ, ସିକନ୍ଦର ମୁଣ୍ଡା, ଉପେନ୍ଦ୍ର ଦାସ, ଜଗବନ୍ଧୁ ପଢ଼ିଆରି, ରତ୍ନାକର ଘଣା, ଅଭିମନ୍ୟୁ ନାୟକ, ଗିରିଧାରୀ ପଳେଇ, ଅନନ୍ତ ଚରଣ ସାହୁ, କମଳା ମହାନ୍ତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ପାଣି ପିଇବାକୁ ଆସି ହଟହଟା ହେଲେ ହାତୀପଲ

ତୁରୁମୁଙ୍ଗା/ପାଟଣା,୨୮।୬(ସମିସ): ବ୍ୟାପକ ଜଙ୍ଗଲ ନଷ୍ଟକାରଣ ଯୋଗୁଁ ବନ୍ୟଜନ୍ତୁ ଏବେ ଗାଁ ମୁହାଁ ହେଉଛନ୍ତି। ତା' ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାଣି ଉତ୍ସ କମିଯିବାରୁ ବନ୍ୟପ୍ରାଣୀ ଏବେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ତେବେ ପିଇବା ଓ ଗାଧୋଇବା ପାଇଁ ଏକ ପୋଖରୀକୁ ୨୭ ଟିକିଆ ହାତୀପଲ ଆସିଥିବା ସମୟରେ ହଟହଟା ହୋଇ ଶେଷରେ ପଙ୍କ କାଦୁଅରେ ଗଡିଛନ୍ତି। ଏଭଳି କିଛି ଅଭାବନୀୟ ଦୃଶ୍ୟ ପାଟଣା ରେଞ୍ଜ ଏରେଣ୍ଡେଇରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ପାଟଣା ରେଞ୍ଜ ଅଞ୍ଚଳରେ ୨୭ ଟିକିଆ ହାତୀପଲ ଚଳପ୍ରଚଳ କରୁଥିବା ବେଳେ ଗାଧୋଇବା ସହ ପାଣି ପିଇବାକୁ ଏକ ପୋଖରୀରେ ପଶିଥିଲେ। ପୋଖରୀରେ ପାଣି ନଥିବାରୁ କିଛି ହାତୀ ପଙ୍କ କାଦୁଅରେ ଗଡୁଥିବା ବେଳେ ଆଉ କିଛି ହାତୀ ପାଣି ପିଇବା ପାଇଁ ଅପେକ୍ଷା କରିଥିଲେ। ହେଲେ ପୋଖରୀରେ ପାଣି ନଥିବା ଯୋଗୁଁ ହାତୀପଲ ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟ ପଟେ ଏହି ହାତୀପଲ ଏକର ଏକର ଖରାଟିଆ ଧାନ ଚାଷକୁ ମାଡି ଦଳି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି।

## ପଙ୍କ କାଦୁଅରେ ଘଣ୍ଟା ଘଣ୍ଟା ଧରି ଗଡ଼ିଲେ



## ବର୍ଷାରେ ଭାଙ୍ଗିଗଲା ଚାଳଘର

# ଚିନ୍ତାରେ ପରିବାରର ୫ ପ୍ରାଣୀ କୁଟୁମ୍ବ

ହାଟଡ଼ିହୀ,୨୮।୬(ସମିସ)



ଲଘୁଚାପ ଜନିତ କଚଡ଼ା ବର୍ଷାରେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ସମଣା ଗ୍ରାମ ୧୨ନଂ ୱାଡର୍‌ର ବାସିନ୍ଦା ରମେଶ କାଣ୍ଡିଙ୍କ ଚାଳଛପର ଘରଟି ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଭୁଶୁଡ଼ି ପଡ଼ିଛି। ପରିବାରର ୫ ପ୍ରାଣୀ ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ଚିନ୍ତାର ବିଷୟ ପାଲଟିଛି। ପ୍ରକାଶ ଥାଉକି, ୨୦୧୯ ମସିହାରେ ରମେଶ କାଣ୍ଡିଙ୍କ ନାମରେ ଆବାସ ଘର ଅନୁମୋଦିତ ହୋଇଥିଲା। ସେ ଘର ଆରମ୍ଭ କରିବାର ୨ୟ କିସ୍ତି ଟଙ୍କା ମଧ୍ୟ ପାଇଛନ୍ତି। ଟଙ୍କା ଅଭାବରୁ ରମେଶ ଘରକାମ ସମ୍ପୂର୍ଣ୍ଣ କରିନପାରିବାରୁ ପରିବାରର ୫ପ୍ରାଣୀ ସେହି ଚାଳଛପର ମାଟି ଘରେ ରହିଆସୁଥିଲେ। ଆଜିର ଅଦିନିଆ ଲଘୁଚାପ ଜନିତ ବର୍ଷାରେ ତାଙ୍କର ଏହି ଚାଳଛପର ମାଟି ଘରଟି ଭୁଶୁଡ଼ି ଯିବାରୁ ପରିବାର ଲୋକେ ଏବେ କେଉଁଠି ମୁଣ୍ଡ ଗୁଞ୍ଜିବେ ତାହା ରମେଶଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଓ ତହସିଲ ପ୍ରଶାସନ ଏହାର ଉପଯୁକ୍ତ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

**'ସକାଳ' ପ୍ରଭାବ**

## ଆଦର୍ଶ ବିଦ୍ୟାଳୟରେ ହେଲା ବିଦ୍ୟୁତ୍ ସଂଯୋଗ

ବସ୍ତା ବ୍ଲକ, ୨୮।୬ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରୁ ଶିକ୍ଷାଦାନ ଆରମ୍ଭ ହୋଇଛି। ଆଦର୍ଶ ବିଦ୍ୟାଳୟ ପ୍ରତି ବ୍ଲକରେ ଗୋଟିଏ ହେବାକୁ ଥିବା ବେଳେ ସେଠାରେ ପ୍ରବେଶିକା ପରୀକ୍ଷା ଦେଇ ପିଲାମାନେ ସ୍କୁଲରେ ପଢ଼ିବାକୁ ଚେଷ୍ଟା କରିଥାନ୍ତି। ହଜାର ହଜାର ପିଲାଙ୍କ ମଧ୍ୟରୁ ଯିଏ ଆଦର୍ଶ ସ୍କୁଲ ରେ ପଢ଼ିବକୁ ଯୋଗ୍ୟ ବିବେଚିତ ହେଲା ତାହା ପିଲା ଓ ତାଙ୍କ ଅଭିଭାବକଙ୍କ ଏକ ସଫଳତା ବୋଲି ବିବେଚନା କରାଯାଏ। କାରଣ ଆଦର୍ଶ ବିଦ୍ୟାଳୟରେ ସ୍କୁଲରେ ଉନ୍ନତ ଶିକ୍ଷା ବ୍ୟବସ୍ଥା, ମନୋଲୋଭା ପରିବେଶ, ହଷ୍ଟେଲ ସୁବିଧା, ସ୍ମାର୍ଟ କ୍ଲାସ ରୁମ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିଥାଏ। ମାତ୍ର ବସ୍ତା ଆଦର୍ଶ ବିଦ୍ୟାଳୟରେ ଗତ ୨ ବର୍ଷ ଧରି ନାମ ଲେଖା ପରେ ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ଅସ୍ଥାୟୀ ଭାବେ କ୍ଲାସ ଚାଲୁଥିଲା। ସୁବିଧା ତ ଦୂରର କଥା ବହୁ ଅସୁବିଧାରେ ପିଲାମାନେ ପାଠ ପଢୁଥିବା ଅଭିଭାବକ ଅଭିଯୋଗ କରୁଥିଲେ। ଚଳିତ ବର୍ଷ ଭେଲୋରାଠାରେ ନୂଆ ସ୍କୁଲ ରେ ଶିକ୍ଷାଦାନ ହେବା କଥା ଜାଣି ପିଲଙ୍କ ଅଭିଭାବକ ଓ ଶିକ୍ଷାର୍ଥୀ ମାନେ ଖୁସି ହୋଇ ଯାଇଥିଲେ। ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଜିଲ୍ଲା ପ୍ରଶାସନ ତରବରିଆ ଭାବେ ସେଠାରେ କ୍ଲାସ୍ ଆରମ୍ଭ କରିଥିଲା। ମାତ୍ର ସ୍କୁଲ୍‌ରେ ଅନ୍ୟ ସୁବିଧା ତ ଦୂରର କଥା ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇ ନ ଥିଲା। ଫଳରେ ଗରମ ରେ ନା ଫ୍ୟାନ ଚାଲୁଥିଲା ନା ପିଲା ମାନେ ପାଣି ସୁବିଧା ପାଉଥିଲେ, ଅଫିସ କାର୍ଯ୍ୟ ମଧ୍ୟ ଠପ୍ ଥିଲା। ଏ ନେଇ ଗତ ୨୭ ତାରିଖ ଦିନ 'ସକାଳ'ରେ 'ଅବ୍ୟବସ୍ଥା ମଧ୍ୟରେ ଖୋଲିଛି ବସ୍ତା ଆଦର୍ଶ ବିଦ୍ୟାଳୟ' ଶୀର୍ଷକ ଖବର ପ୍ରକାଶିତ ପରେ ହଠାତ ଚେଇଁ ଉଠିଥିଲା ପ୍ରଶାସନ। ସେହିଦିନ ଅସ୍ଥାୟୀ ଭାବେ ବିଦ୍ୟୁତ୍ ବିଭାଗ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

**୯ ବର୍ଷ ହେଲା ବିସ୍ଥାପିତ ଔପଦା ବଜାର ବ୍ୟବସାୟୀ**

# ଥଇଥାନର ନାଁ ଗନ୍ଧ ନାହିଁ, ୨୩ ଦୋକାନରେ ପଡ଼ିଛି ତାଲା

ଔପଦା, ୨୮।୬ (ସମିସ) :

ଔପଦାର ବିସ୍ଥାପିତ ବ୍ୟବସାୟୀଙ୍କୁ ୯ ବର୍ଷ ପୂରିଲା। ଥଇଥାନର ନାଁ ଗନ୍ଧ ନାହିଁ। ତାଲା ପଡ଼ି ରହିଛି ୨୩ଟି ଦୋକାନ ଗୃହ। ବାଲେଶ୍ୱର ଜିଲ୍ଲା ଔପଦା ମୁଖ୍ୟାଳୟରେ ଔପଦା ବଜାରର ଏକ ହାଇକୋର୍ଟ ଜନସ୍ୱାର୍ଥ ମାମଲାକୁ ଆଧାର କରି ୯ ବର୍ଷ ପୂର୍ବେ ୨୦ ଜାନୁଆରୀ ୨୦୧୫ରେ ୧୭୬ ଜଣ ବ୍ୟବସାୟୀଙ୍କ ଦୋକାନ ଗୃହକୁ ପ୍ରାକ୍ତନ ତହସିଲଦାର ଜାନକୀ ନାଥ ମିଶ୍ର ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ଏହି ଘଟଣାରେ ୩ ଜଣ ବ୍ୟବସାୟୀ ନୀଳଗିରି କୋର୍ଟରେ ଓ ୪ ଜଣ ହାଇକୋର୍ଟରେ



ମାମଲା ରୁଜୁ କରିଥିଲେ। ଔପଦା ବଜାର କମିଟି, ବ୍ୟବସାୟୀ ସଂଘ ଓ ଜନସାଧାରଣ ତରଫରୁ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ପ୍ରଶାସନକୁ ବାରମ୍ବାର ନିବେଦନ ସତ୍ତ୍ୱେ ଫଳ ଶୂନ। ଯାହାକି ଆଜି ଯାଏଁ କୋର୍ଟରେ ସ୍ଥଗିତ ଅଛି। ସେହିଦିନଠାରୁ ଔପଦା ଦୁର୍ଗା ମଣ୍ଡପର ୨୩ଟି ଦୋକାନ ଗୃହ ପ୍ରଶାସନ ତରଫରୁ ତାଲା ପଡ଼ି ବନ୍ଦ ହୋଇ ରହିଛି। ଅପରପକ୍ଷରେ ବଜାର ଦୋକାନ ଗୃହ ନିର୍ମାଣ ପାଇଁ ଆରଏମସି ତରଫରୁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ୧ କୋଟି ୪୦ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ସ୍ଥାନୀୟ ପ୍ରଶାସନ ଜାଗା ଚିହ୍ନଟ ଦେଇ ନ ପାରିବାରୁ ଦୋକାନ ଗୃହ ନିର୍ମାଣ ହୋଇ ପାରୁନି। ୨୩ଟି ଦୋକାନ ଗୃହ ତାଲା ପଡ଼ି ରହିବା ଦ୍ୱାରା ରାଜସ୍ୱ ହାନି ହେଉଛି। ଏ ସମ୍ପର୍କରେ ନବ ନିର୍ବାଚିତ ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି ମୋର ଔପଦା ବ୍ଲକର ପ୍ରଥମ ମିଶନ ଔପଦା ବଜାରର ବିସ୍ଥାପିତ ବ୍ୟବସାୟୀ। ତୁରନ୍ତ ଏହା କାର୍ଯ୍ୟକାରୀ କରିବା ପାଇଁ ମୁଁ ଉଦ୍ୟମ କରିବି।

## ଜଳେଶ୍ୱରପୁର ଡାକ୍ତରଖାନାରେ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ



ଭୋଗରାଇ/ଚୌକି, ୨୮।୬ (ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ହୋଇଥିବା କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୋଗରାଇର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ଉଲ୍ଲେଖନୀୟ ଭୂମିକାକୁ ପ୍ରଶଂସା କରିଥିଲେ। କେବଳ ପୁରସ୍କାର ଭିତରେ ସୀମିତ ନ ରହି ସ୍ୱାସ୍ଥ୍ୟ ସେବାକୁ ମୁଖ୍ୟ ଆଧାର କରି ଆସନ୍ତା ଦିନରେ ଅଞ୍ଚଳର ଲୋକେ ଏପରି ସଠିକ ସ୍ୱାସ୍ଥ୍ୟ ସେବା ପାଇବେ ସେଥିପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଜେପି ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ଭୋଗରାଇ ବିଡ଼ିଓ ଉମାକାନ୍ତ ପରିଡ଼ା, ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳ ଲୋଚନ ବିଶ୍ୱାଳ, ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ, ଶିଶୁ ସୁରକ୍ଷା ଅଧିକାରୀ ପବିତ୍ରା ହଜରା, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସଦସ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି, ପ୍ରତିମା ଚାନ୍ଦ, ସମାଜସେବୀ ରମାକାନ୍ତ କରଣ, ଦିଲ୍ଲୀପ କାମିଲା ଓ ରାଧାକାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଦାସ ଭୋଗରାଇ ବ୍ଲକର କମର୍ଦ୍ଦା ଏବଂ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ୭ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୭ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଭୋଗରାଇ ବ୍ଲକର ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସମସ୍ତ ପ୍ରାଥମିକ ଏବଂ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକ ଶ୍ରୀ ଦାସ ଏହାକୁ ଅନୁଷ୍ଠାନିକ ଭାବରେ ଫିତା କାଟି ଶିବିରକୁ ଉଦଘାଟନ କରିଥିଲେ। ଶିବିରରୁ ମୋଟ ୨୧୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାର ପକ୍ଷରୁ ଟେକନିସିଆନ ମାନେ ରକ୍ତ ସଂଗ୍ରହ କରିଥିବା ବେଳେ ଡାକ୍ତର ଶ୍ରୀ ଦଣ୍ଡପାଟ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଭୋଗରାଇ ବିଜେପି ତରଫରୁ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଅନୁଧ୍ୟାନ



ଭୋଗରାଇ, ୨୮।୬ (ସମିସ): ଭୋଗରାଇ ବ୍ଲକ କାଁଥିଭଉଁରୀ ଠାରେ ନିର୍ମାଣଧିନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ବିଜେପିର ଏକ ପ୍ରତିନିଧିଦଳ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଦଳର ନେତା ଓ କର୍ମୀମାନେ ନିର୍ମାଣ ଚାଲିଥିବା ବିଦ୍ୟାଳୟ ଓ ଛାତ୍ରାବାସର ଗୃହ କାର୍ଯ୍ୟ ଦେଖିଥିଲେ। ସେଠାରେ ଗୃହ ନିର୍ମାଣ କାର୍ଯ୍ୟ ଠାରୁ ଆରମ୍ଭ କରି ଛାତ୍ରାବାସ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ଉଠାଇଛନ୍ତି। ଏ ନେଇ ଦଳ ତରଫରୁ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ତଥା ବାଲେଶ୍ୱର ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ବିଦ୍ୟାଳୟ ହସ୍ତାନ୍ତର ହେବା ପୂର୍ବରୁ ଜିଲାପାଳ ଆଶିଷ ଠାକରେଙ୍କୁ କାର୍ଯ୍ୟର ଅନୁଧ୍ୟାନ ପାଇଁ ନିବେଦନ କରାଯାଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଏକ ସତନ୍ତ୍ର ଟିମ ପଠାଇ କାର୍ଯ୍ୟର କ୍ୟୁବିକ ତଦନ୍ତ ପାଇଁ ଦାବି ମଧ୍ୟ କରିଛନ୍ତି। ଭୋଗରାଇର ଉପାନ୍ତ କାଁଥିଭଉଁରୀ ଗ୍ରାମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ୭ କୋଟି ୮ ଲକ୍ଷ ୨୭ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ପାଇଁ ୨.୫କୋଟି ଅର୍ଥ ମଞ୍ଜୁର ହୋଇଛି। ଦୁଇଟିର କାର୍ଯ୍ୟଭାର ପୂର୍ତ୍ତ ବିଭାଗକୁ ଦିଆ ଯାଇଥିଲା। ମୁଖ୍ୟ ସମସ୍ୟା ହେଲା ୨ବର୍ଷ ହେଲା ବିଦ୍ୟାଳୟର ପିଲାମାନେ ବହୁ ସମସ୍ୟା ମଧ୍ୟରେ ଗତିକରି ପାଖରେ ଥିବା ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପଢୁଛନ୍ତି। ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହେବା ସହିତ ଆସନ୍ତା ୩୦ ତାରିଖରେ ତାହା ହସ୍ତାନ୍ତର କରିବା କଥା। ମାତ୍ର ଅଚାନକ ବିଜେପିର ପ୍ରତିନିଧି ଦଳ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଥିସହିତ ବିଦ୍ୟାଳୟ ଗୃହ ନ ଥିବାବେଳେ ଦୀର୍ଘ ଦୁଇବର୍ଷ ଧରି ସେଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଛାତ୍ରଛାତ୍ରୀ ଦୟନୀୟ ଅବସ୍ଥାରେ ପାଠପଢ଼ାକୁ ମଧ୍ୟ ଅନୁଧ୍ୟାନ କରିବା ସହିତ ଅଧ୍ୟକ୍ଷା ସରିତା କରଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ଅଶୋକ ଦାସ, ରାଧାକାନ୍ତ ପ୍ରଧାନ, ସତ୍ୟବ୍ରତ ଜେନା, ବିକାଶ ଚନ୍ଦ, ରାଜ କୁମାର ପାତ୍ର ପ୍ରମୁଖ ସାମିଲ ଥିଲେ।

**● ଗହଣା ଦୋକାନ ଆଗରେ କାରିଗରଙ୍କ ଧାରଣା ଘଟଣା**

## ଆପୋସ ବୁଝାମଣାରେ ତୁଟିଲା ବିବାଦ

ଚୌକି, ୨୮।୬ (ସମିସ) : ଭୋଗରାଇ ବ୍ଲକ ଥାନା ଛକ ଆନନ୍ଦ ବଜାରର ଏକ ଗହଣା ଦୋକାନରେ ବକେୟା ମଜୁରୀକୁ ନେଇ ଧାରଣାରେ ବସିଥିବା କାରିଗର ଓ ମହିଳା ଗୋଷ୍ଠୀଙ୍କ ସହିତ ଗୁରୁବାର ବିଳମ୍ବିତ ରାତିରେ ଆପୋସ ବୁଝାମଣା ଭିତରେ ବିବାଦ ତୁଟିଲା ପରେ ଧାରଣାରେ ବସିଥିବା କାରିଗର ସୁଶାନ୍ତ କାମିଲା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଧାରଣାରୁ ଉଠି ଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଭଦ୍ରଲୋକ ଓ ବଜାର କମିଟି ଉଭୟ ପକ୍ଷ ମଧ୍ୟରେ ବୁଝାମଣା କରି ସମସ୍ୟାର ସମାଧାନ କରିଥିଲେ। ପରେ ଉଭୟ ପକ୍ଷ ଏକ ମୀମାଂଶା ପତ୍ର ଥାନାରେ ଦେଇ ପରସ୍ପର ବିରୋଧରେ କରିଥିବା ଅଭିଯୋଗକୁ ଉଠାଇ ନେଇଥିଲେ। ଫଳରେ ଗତକାଲିର ଅସ୍ୱାଭାବିକ ପରିସ୍ଥିତିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୂଚନାରୁ ପ୍ରକାଶ ଯେ, ବକେୟା ମଜୁରୀ ଟଙ୍କା ନ ମିଳିବାରୁ ଗୁରୁବାର ସକାଳେ ଭୋଗରାଇ ଥାନା ଅଧୀନ ଆନନ୍ଦ ବଜାରରେ ଥିବା ଦୀପିକ୍ରିଷ୍ଣା କମିଳାଙ୍କ ଗହଣା ଦୋକାନ ଆଗରେ କାରିଗର ସୁଶାନ୍ତ କାମିଳାଙ୍କ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଧାରଣାରେ ବସିଥିଲେ। ଏ ବାବଦରେ ଉଭୟ ପକ୍ଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ଏକ ଅସ୍ୱାଭାବିକ ପରିସ୍ଥିତି ହେବାକୁ ଯିବା ପୂର୍ବରୁ ସ୍ଥାନୀୟ ଭଦ୍ରଲୋକ ଓ ବଜାର କମିଟି ମିଳିତ ଭାବରେ ଉଭୟପକ୍ଷ ମଧ୍ୟରେ ଆପୋସ ବୁଝାମଣା କରି ସମସ୍ୟାର ସମାଧାନ କରିଥିଲେ।

## ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କୁ ସେବା ଦେବାକୁ ବିଧାୟିକାଙ୍କ ଆହ୍ୱାନ



ବାଲିଆପାଳ, ୨୮।୬ (ସମିସ): ବସ୍ତା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ପ୍ରଥମ ମହିଳା ବିଧାୟିକ ସୁବାସିନୀ ଜେନା ଶୁକ୍ରବାର ଦିନ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ବସ୍ତା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ପଦାଧିକାରୀ ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟିକା ଶ୍ରୀମତୀ ଜେନା ଉପସ୍ଥିତ ବିଭାଗୀୟ ପଦାଧିକାରୀମାନଙ୍କୁ ଗୋଟିଏ ଟିମ୍ ହୋଇ କାମ କରିବାକୁ ଏବଂ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସାଧାରଣ ଲୋକଙ୍କୁ ସେବା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ତତ୍ ସହିତ ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତର ଜନସାଧାରଣଙ୍କର ମୌଳିକ ସମସ୍ୟା ଗୁଡିକର କିଭଳି ତ୍ୱରିତ ସମାଧାନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ଅଞ୍ଚଳର ବିକାଶ ପାଇଁ ଦଳମତ ନିର୍ବିଶେଷରେ ନେତୃବୃନ୍ଦ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ମିଳିମିଶି କାମ କରିବାକୁ ଶ୍ରୀମତୀ ଜେନା ପରାମର୍ଶ ଦେଇଥିଲେ। ଏଥିସହ ଆଗାମୀ ଦିନରେ ସମସ୍ତ ବିଭାଗକୁ ନେଇ ବ୍ଲକରେ ଏକ ସମୀକ୍ଷା ବୈଠକ ଏବଂ ବିଭିନ୍ନ ପଞ୍ଚାୟତ ଗସ୍ତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ଜିଲ୍ଲା ପରିଷଦ ସଦସ୍ୟା କାଞ୍ଚନ ଜେନା, ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଓ ବରିଷ୍ଠ ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଆହତ ଷଣ୍ଢର ଚିକିତ୍ସା କଲେ ଗ୍ରାମବାସୀ



ଜଳେଶ୍ୱର ବ୍ଲକ, ୨୮।୬ (ସମିସ): ଜଳେଶ୍ୱର ପୌରାଞ୍ଚଳ ସ୍ଥିତ ସାନ୍ତିଆ ୧୦ ନମ୍ବର ୱାର୍ଡରେ ୪/୫ ଦିନ ଧରି ଏକ ଷଣ୍ଢ ଆହତ ହୋଇ ଏଣେ ତେଣେ ବୁଲୁଥିଲା। ଷଣ୍ଢର କାନ୍ଧ ପାଖରେ ଗଭୀର ଆଘାତ ଲାଗିଥିବା ବେଳେ ରକ୍ତ ଝରୁଥିଲା। ତେଣୁ ସାନ୍ତିଆ ଗ୍ରାମର ଭଗିରଥ ଅଣ୍ଡିଆ, ଅମୂଲ୍ୟ ଅଣ୍ଡିଆ ଓ କାର୍ତ୍ତିକ ଗିରି ପ୍ରମୁଖ ଆହତ ଷଣ୍ଢର ପ୍ରାଥମିକ ଚିକିତ୍ସା କରିବା ସହିତ ଖାଦ୍ୟ ପାନୀୟର ବ୍ୟବସ୍ଥା କରିଥିଲେ। ପୁଣି କ୍ଷତ ସ୍ଥାନ ମାଛି ଲାଗି ସଢ଼ିଯିବାରୁ ଶୁକ୍ରବାର ସମାଜସେବୀ ଜଗନ୍ନାଥ ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ପଶୁ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ସାର୍ଥକ କୁମାର ଘୋଷ ଚିକିତ୍ସା କରିଛନ୍ତି। କ୍ଷତ ସ୍ଥାନରେ ଡ୍ରେସିଂ କରିବା ସହିତ ଇଂଜେକସନ ଆବଶ୍ୟକ ଔଷଧ ଦିଆ ଯାଇଛି। ସୁଜିତ ସେନାପତି, ଭାଗବତ ଅଣ୍ଡିଆ, ଦିଲ୍ଲୀପ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ରାଜପଥରୁ କାଠ ଭର୍ତ୍ତି ପିକ୍‌ଅପ୍ ଗାଡ଼ି ଜବତ



ଜଳେଶ୍ୱର ବ୍ଲକ, ୨୮।୬ (ସମିସ): ଜଳେଶ୍ୱର ୬୦ ନମ୍ବର ଜାତୀୟ ରାଜପଥରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ପାଲବନ୍ଧା ଏକ କାଠ ବୋଝେଇ ପିକ୍‌ଅପକୁ ବନ ବିଭାଗ ଜବତ କରିଛି। ଗୁରୁବାର ସନ୍ଧ୍ୟାରେ ରାଜଘାଟ ଆଡୁ ପଶ୍ଚିମବଙ୍ଗ ଯାଉଥିବା କାଠ ଗାଡ଼ି ସମ୍ପର୍କରେ ବନ ବିଭାଗ କର୍ମଚାରୀ ଆଗୁଆ ସୂଚନା ପାଇ ଛକି ରହିଥିଲେ। ପିକ୍‌ଅପ ଟି ଗାୟତ୍ରୀ ପେଟ୍ରୋଲ ପମ୍ପ ନିକଟରେ ଏକ ଥଣ୍ଡା ପାନୀୟ ବୋଝେଇ ଗାଡ଼ିକୁ ଧକ୍କା ଦେଇଥିଲା। ପରେ ବନ ବିଭାଗ ଅଧିକାରୀ ଉକ୍ତ ଗାଡ଼ି ଅଟକାଇ ଥିଲେ ମଧ୍ୟ ଚାଳକ ଓ ହେଲ୍ପର ଛୁ' ମାରିଛନ୍ତି। ଗାଡ଼ିରୁ ୮୧.୩ ସେପ୍ଟି ମୂଲ୍ୟବାନ ଶାଳ କାଠ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହା ଗୋଟିଏ ଘଟଣା ନୁହେଁ, ୬୦ ନମ୍ବର ଜାତୀୟ ରାଜପଥରେ ପୂର୍ବରୁ ବହୁ ଚୋରା କାଠ ଏପରିକି ଚନ୍ଦନ, କେନ୍ଦୁପତ୍ର ସହିତ ସାମୁଦ୍ରିକ ଜୀବ କଇଁଛ, ବେଙ୍ଗ, ଶାମୁକା ଇତ୍ୟାଦି ଚୋରାରେ ପଶ୍ଚିମବଙ୍ଗକୁ ଚାଲାଣ ହୋଇ ଆସୁଥିବାର ନଜର ରହିଛି। ବିଗତ ଦିନ ଭଳି ନିକଟରେ ଜଙ୍ଗଲ ବିଭାଗର ଏକ ଚେକ୍ ପୋଷ୍ଟ ସ୍ଥାପନ ହେଲେ ସୁବର୍ଣ୍ଣରେଖା ପୋଲ ରାସ୍ତାରେ ହେଉଥିବା ଚୋରା କାରବାରକୁ ରୋକାଯାଇ ପାରନ୍ତା। ସୂଚନାଯୋଗ୍ୟ ବିଳମ୍ବିତ ରାତ୍ରିରେ ଏନ୍‌ଏଚ ୬୦ ସଡକ ପଥରୁ ୫୭ ରାଜ୍ୟ ରାଜପଥରେ ପଶ୍ଚିମବଙ୍ଗକୁ ପିକ୍‌ଅପ ଯୋଗେ ବ୍ୟାପକ ମୂଲ୍ୟବାନ କାଠ ଚାଲାଣ ହେଉଛି। ଓଡ଼ିଶାରେ କରତ କଳ ଉପରେ ପ୍ରଶାସନର ପ୍ରତିବନ୍ଧକ ଲାଗି ଥିବାରୁ ପଶ୍ଚିମବଙ୍ଗକୁ ଚୋରା କାଠ ଚାଲାଣ ସହିତ ବେପାରୀ ଉପରେ ଅଞ୍ଚଳବାସୀ ନିର୍ଭର କରୁଛନ୍ତି।

# ସେବା ଯୋଗାଇ ପାରୁନି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ରାଇବଣିଆ, ୨୮।୬ (ସମିସ) :

ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୭୦କିଲୋମିଟର ଦୂର ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବରେ ପରିଗଣିତ ରାଇବଣିଆ ଅଞ୍ଚଳ। ଏହାର ଗୋଟିଏ ପାଖ ଘଞ୍ଚ ଜଙ୍ଗଲ ଓ ଅନ୍ୟ ପଟେ ଘେରି ରହିଛି ସୁବର୍ଣ୍ଣରେଖା ନଦୀ। ଏହାରି ଭିତରେ ରାଇବଣିଆ ଅଞ୍ଚଳର ୧୪ଗୋଟି ଗ୍ରାମ ପଞ୍ଚାୟତ ଓ ଏହାର ଲୋକସଂଖ୍ୟା ଦେଢ଼ ଲକ୍ଷ ଟପିବାକୁ ଗଲାଣି କିନ୍ତୁ ସ୍ୱାସ୍ଥ୍ୟର ସୁବିଧାରୁ ଆଜିବି ବଞ୍ଚିତ ଅଞ୍ଚଳ ବାସୀ। ଏ ଅଞ୍ଚଳରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିଲେ ମଧ୍ୟ ତିନି ଜଣ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟ ସେବା। ନା ଏଠାରେ ଅଛନ୍ତି ଏକ ମେଡିସିନ ସେଶାଲିଷ୍ଟ ନା ଅଛନ୍ତି ଶିଶୁ ରୋଗୀ ବିଶେଷଜ୍ଞ, ନା ଅଛନ୍ତି ଅର୍ଥୋପେଡ଼ିକ ଡାକ୍ତର, ନା ଅଛନ୍ତି ଶଲ୍ୟ ବିଭାଗର ଜଣେ ହେଲେ




ଡାକ୍ତର। ଯଦି କୌଣସି ରୋଗୀ ଏହି ସବୁ ସେବା ପାଇଁ ଦୌଡ଼ି ଆସନ୍ତି ପାଖରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହାତୀଗଡ଼କୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ ରେଫର୍ କରନ୍ତି ବଡ଼ ଡାକ୍ତରଖାନା। ସର୍ଦ୍ଧାରବନ୍ଧ ଗ୍ରାମ ପଞ୍ଚାୟତର ସଂଖାଭଙ୍ଗା ଗ୍ରାମର ନବୀନ ଟୁଡୁଙ୍କ ସ୍ତ୍ରୀର ପ୍ରସବ ଯନ୍ତ୍ରଣା ହେବାରୁ ୨୬ତାରିଖ ବୁଧବାର ରାତିର ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିବାର ଲୋକେ ନେଇଆସିଥିଲେ କିନ୍ତୁ ଆସିଲା ବେଳକୁ ସେଠାରେ ନ ଥିଲେ ଡାକ୍ତର। ରାତି ସାରା ପ୍ରସବ ଯନ୍ତ୍ରଣାରେ ଛଟପଟହେଲେ ଗର୍ଭବତୀ ମହିଳା। ତା ପର ଦିନ ସକାଳ ଅର୍ଥାତ୍ ଗୁରୁବାର ଦିନ ଡାକ୍ତର କହିଲେ ଏଠାରେ ହେବ ନାହିଁ ଆପଣା ବାଲେଶ୍ୱର ନଚେତ ବାରିପଦା ନେଇ ଯାଆନ୍ତୁ। ଉକ୍ତ ଗର୍ଭବତୀ ମହିଳାଙ୍କୁ ବାରିପଦା ଡାକ୍ତରଖାନାକୁ ନେଇ ଯିବା ସମୟରେ ଡେଙ୍ଗାନାଳିଆ ରାସ୍ତାରେ ସେ ଏକ ଛୁଆ ଜନ୍ମ ଦେଇଥିଲେ।

**ରୋଗୀ ହନ୍ତସନ୍ତ**

ଏଠାକାର ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ ରାଇବଣିଆ ଅଞ୍ଚଳର ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ହାତୀଗଡ଼ ଡାକ୍ତରଖାନାର ସମସ୍ତ ବିଭାଗରେ ଡାକ୍ତରୀ ପଦବୀ ପୂରଣ କରିବା ସହିତ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି।

## ହାତଗୋଡ଼ ବାନ୍ଧି ଟଙ୍କା ଓ ଅଳଙ୍କାର ଲୁଟିନେଲେ



ସିମୁଳିଆ, ୨୮।୬(ସମିସ): ବରୀ-ତିରୁଖୁଆ ରାସ୍ତା ପାର୍ଶ୍ୱରେ ଥିବା କୋଠା ଘରୁ ମାଲିକର ହାତଗୋଡ଼ ବାନ୍ଧି ଭୁଜାଲି ଏବଂ ବନ୍ଧୁକ ଦେଖାଇ ଗହଣା ସହିତ ନଗଦ ଟଙ୍କା ଲୁଟି ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କହ୍ନେଇବିନ୍ଧା ପଞ୍ଚାୟତର ତିରଖୁଆ ଗ୍ରାମରେ। ବରୀରୁ ବେତଡ଼ା ଯିବା ରାସ୍ତା କଡ଼ରେ ତିରୁଖୁଆ ଠାରେ ଘର କରି ରହୁଥିବା ଗୌରାଙ୍ଗ ପ୍ରସାଦ ରାୟ ଗତକାଲି ବିଳମ୍ବିତ ରାତିରେ ଏକୁଟିଆ ଘରେ ଶୋଇଥିବା ସମୟରେ ୬ ଜଣ ଦୁର୍ବୃତ୍ତ କଳା ପୋଷାକ ଓ ମୁହଁରେ ମାସ୍କ ଲଗାଇ ଘର କବାଟ ଭାଙ୍ଗି ଘରେ ପଶିଥିଲେ। ଏହା ସହିତ ଗୌରାଙ୍ଗ ଶୋଇଥିବା ରୁମ କବାଟ ଭାଙ୍ଗି ତାଙ୍କ ଗୋଡ଼ ହାତ ବାନ୍ଧି ଦେଇ ବେକରେ ଧାରୁଆ ଅସ୍ତ୍ର ଲଗାଇ ବନ୍ଧୁକ ଦେଖାଇ ଟଙ୍କା ଏବଂ ଗହଣା ମାଗିଥିଲେ । ଗୌରାଙ୍ଗ ନ ଦେବାରୁ ତାଙ୍କୁ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘରେ ରଖିଥିବା ନଗଦ ପାଞ୍ଚ ହଜାର ଟଙ୍କା, ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ ଗହଣା ଏବଂ ଗୋଟିଏ ମୋବାଇଲ ଫୋନ ନେଇଯାଇଛନ୍ତି। ସକାଳେ ଗୌରାଙ୍ଗ ଗ୍ରାମବାସୀଙ୍କୁ ଚିତ୍କାର କରି ଡାକିବାରୁ ଗ୍ରାମବାସୀ ଘର ଭିତରୁ ତାଙ୍କୁ ଉଦ୍ଧାର କରିଥିଲେ । ଗୌରାଙ୍ଗଙ୍କ ହାତରେ ଗଭୀର ଆଘାତ ମଧ୍ୟ ଲାଗିଛି। ଘଟଣା ନେଇ ଗୌରାଙ୍ଗ ସିମୁଳିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି ।

### କଲଭର୍ଟ ଓ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

# ରାସ୍ତା କାମ ବନ୍ଦ କଲେ ଜିଆଣିପଦା ଗ୍ରାମବାସୀ

ଖଇରା, ୨୮ ।୬ (ସମିସ):



ବାଲେଶ୍ୱର ଜିଲ୍ଲାର ଖଇରା ଓ ଔପଦା ୨ବ୍ଲକକୁ ସଂଯୋଗ କରୁଥିବା ନଟାପଡ଼ା-ଔପଦା ଭାୟା କାକୁଡିଆ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ରାସ୍ତା ସଂଲଗ୍ନ ଗ୍ରାମାବସୀମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ବେଆଇନ ରାସ୍ତା କାମକୁ ଜିଆଣିପଦା ଗ୍ରାମବାସୀ ବନ୍ଦ କରିବା ସହ ଭିଜିଲାନ୍ସ ତଦନ୍ତ କରିବାକୁ ନଡାପଡ଼ା, ଜିଆଣିପଦା, କଣ୍ଟିଗଡ଼ିଆ, କାକୁଡିଆ, ଗନ୍ଧାଳି, କବିରପୁର, ତିଳଦା ଇତ୍ୟାଦି ଗ୍ରାମର ଅଧିବାସୀମାନେ ଦାବି କରିଛନ୍ତି। ପାଖାପାଖି ୭କିମି ରାସ୍ତା ପାଇଁ ୯କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ୨୦୨୩ ମସିହା ଡିସେମ୍ବର ମାସ ୧୮ ତାରିଖରେ ଉକ୍ତ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ରାସ୍ତାର ନିର୍ମାଣ ଦାୟିତ୍ୱ ବାସୁଦେବପୁର ଜନୈକ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ରାସ୍ତା ନିର୍ମାଣ ଏଷ୍ଟିମେଟ ଅନୁଯାୟୀ ହେଉନଥିବା ନେଇ ଆରମ୍ଭରୁ ଅଭିଯୋଗ ହୋଇ ଆସୁଛି। ବ୍ୟବହୃତ କଞ୍ଚାମାଲ ମଧ୍ୟ ଅନୁରୂପ ଦିଆଯାଉନଥିବା ନେଇ ଯାତ୍ରୀ ମାନେ ଅଭିଯୋଗ କରି ଆସୁଥିଲେ ହେଁ ଯନ୍ତ୍ରୀ ମାନେ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି କାମ ଆସୁଥିବା ବେଳେ ୬ମାସ ହେଲା ସହକାରୀ ଯନ୍ତ୍ରୀ ପଦବୀ ଖାଲି ପଡ଼ିବା ଠିକାଦାରଙ୍କୁ ବେପରୁଆ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଉଛି । ସେପଟେ ନଟାପଡ଼ା ଗ୍ରାମରୁ ଖଇରା ପର୍ଯ୍ୟନ୍ତ ରାସ୍ତାରେ ପ୍ରତିବର୍ଷ ବର୍ଷାଋତୁ ଆସିଲେ ରାସ୍ତା ଉପରେ ପାଣି ପ୍ରବାହିତ ହେବା ସହ ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହୋଇଥାଏ। ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ କଲଭର୍ଟଗୁଡିକୁ ଓସାରିଆ କରିବାକୁ ଆରମ୍ଭରୁ ଦାବି କରାଯାଇଥିଲେ ହେଁ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ପୁଣି ଥରେ ଏହି ବର୍ଷାଋତୁରେ ଜିଆଣିପଦା ଓ କଣ୍ଟିଗଡ଼ିଆ ଗ୍ରାମ ଗୁଡିକରେ ଜଳବନ୍ଦୀ ଆଶଙ୍କା ବୃଦ୍ଧି ପାଇଛି। କଲଭର୍ଟ ଗୁଡିକୁ ଓସାରିଆ ନ କରାଯିବା ପର୍ଯ୍ୟନ୍ତ ରାସ୍ତାକମ ବନ୍ଦ ରଖାଯିବ ବୋଲି ପିତାମ୍ବର ପାତ୍ର, ଭାଗିରଥି ପାତ୍ର, ମନୋଜ ପାତ୍ର, ଲକ୍ଷ୍ମୀଧର ପାତ୍ର, ରାଜେଶ ପାତ୍ର, କୈଳାସ ପାତ୍ର, ପ୍ରହଲ୍ଲାଦ ଗାହାଣ, ଭରତ ପରିଡ଼ା, ଶ୍ରୀକାନ୍ତ ଦାସ, ଭଗବାନ ଜେନା, ଶତ୍ରୁଘ୍ନ ଦାସ, ଭୀମସେନ ଜେନା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଟଙ୍କୁ ଯୋଗାଯୋଗ କରିବାର ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତାକୁ ଅସ୍ୱୀକାର କରିଛନ୍ତି।

## ଗଛଡାଳ ପଡ଼ି ୨ ଛାତ୍ରୀ ଆହତ

ଖଇରା, ୨୮ ।୬ (ସମିସ): ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ଅଧୀନ ଆଳଦା ବାଲିସାହି ଗ୍ରାମରେ ଗଛ ଡାଳ ପଡ଼ି ୨ ଜଣ ଛାତ୍ରୀ ଆହତ ହୋଇଛନ୍ତି । ଆହତ ମାନେ ହେଲେ ସେହି ବାଲିସାହି ଗ୍ରାମର ଶାଶ୍ୱତୀ ପରିଡ଼ା(୧୨) ଓ ପ୍ରଜ୍ଞା ପ୍ରିୟଦର୍ଶନୀ ପରିଡ଼ା । ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ଉପରୋକ୍ତ ଛାତ୍ରୀ ଦ୍ୱୟ ପୂର୍ବାହ୍ନ ୧୦ଟାରେ ଖଇରା ସରକାରୀ ହାଇସ୍କୁଲକୁ ଯାଉଥିବା ବେଳେ ଠିକ ସେହି ସମୟରେ ଜନୈକ ବ୍ୟକ୍ତି ବାଡିରେ କଟାଯାଉଥିବା ଗଛର ଡାଳ ଆସି ଏହି ଛାତ୍ରୀଦ୍ୱୟଙ୍କ ଉପରେ ପଡ଼ିଥିଲା । ଗଛ ପଡ଼ି ଏକ ଲୁହା ବିଦ୍ୟୁତ ଖୁଣ୍ଟ ନଷ୍ଟ ହୋଇଥିବା ଜଣାଯାଇଛି ।

## ବିଦ୍ୟାଳୟକୁ ଟାବଲେଟ୍ ବଣ୍ଟନ



ଜଳେଶ୍ୱର ବ୍ଲକ, ୨୮।୬ (ସମିସ) : ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟିଥିବାରୁ ବିଦ୍ୟାଳୟ ଓ ଶିକ୍ଷାବିଭାଗ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି, ଛାତ୍ରଛାତ୍ରୀଙ୍କ ଶିକ୍ଷାଲାଭ ଓ ବିଭିନ୍ନ ତଥ୍ୟ ଯୋଗାଣ ଲାଗି ସରକାର ବିଦ୍ୟାଳୟକୁ ଟାବଲେଟ ଯୋଗାଣର ସିଦ୍ଧାନ୍ତ ନେଇଛନ୍ତି। ପୂର୍ବରୁ ବହୁ ବିଦ୍ୟାଳୟରେ କମ୍ପ୍ୟୁଟର ଦିଆଯାଇଥିବା ଯୋଗୁଁ ସେଭଳି ତଥ୍ୟ ମିଳିପାରୁଥିବାରୁ କମ୍ପ୍ୟୁଟର ନ ଥିବା ଅନୁଷ୍ଠାନକୁ ଏପରି ଟାବଲେଟ ଦିଆଯିବାର ବ୍ୟବସ୍ଥା ହୋଇଛି। ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ୫୯ଟି ହାଇସ୍କୁଲ ଓ ୟୁପି ସ୍କୁଲକୁ ଏହି ଟାବଲେଟ ବଣ୍ଟନ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଶୁଭାରମ୍ଭ କରିଥିବା ବେଳେ ବିଆର୍‌ସିସି ସୁଶାନ୍ତ ଜେନା, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଡାକ ଫୋରମ୍‌ର ସଚେତନତା ବୈଠକ

**● ମୁଖ୍ୟ ଡାକଘରୁ ମିଳିବ ପାସ୍‌ପୋର୍ଟ ଓ ରେଳ ଡାକସେବାକୁ ଗୁରୁତ୍ୱ**

ଜଳେଶ୍ୱର ବ୍ଲକ, ୨୮।୬ (ସମିସ) : ଶୁକ୍ରବାର ଚଳିତ ଆର୍ଥିକ ବର୍ଷର ଜଳେଶ୍ୱର ମୁଖ୍ୟ ଡାକଘର ଅଧୀନରେ ଥିବା ଡାକ ଫୋରମର ଏକ ବୈଠକ ମୁଖ୍ୟ ଡାକପାଳ ଧନଞ୍ଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଡାକଘର ପରିସରରେ ଆୟୋଜିତ ଏହି ପ୍ରଥମ ବୈଠକରେ ସମଗ୍ର ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ରାଇବଣିଆ ଅଞ୍ଚଳର ଥିବା ପ୍ରାୟ ୭୦ଟି ଉପଡ଼ାକ କାର୍ଯ୍ୟାଳୟ ଓ ୧୮୦ରୁ ଅଧିକ ଥିବା ଶାଖା ଡାକଘର ଅଧିନରେ ଥିବା ଜନସାଧାରଣଙ୍କୁ କିପରି ଅଧିକ ଡାକ ସୁବିଧା, ସଚେତନ କରାଇବା ସହିତ ଡାକ ସେବାକୁ ଅଧିକ ଲୋକାଭିମୀଖୀ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ, ବରିଷ୍ଠ ଡାକ ଅଧିକାରୀ ଜିତେନ୍ଦ୍ରୀୟ ରଣା, ସୁକୁମାର ରଣା, ଅଶ୍ୱନୀ ନାଥ ଓ ଅବନୀ ଚାନ୍ଦ ପ୍ରମୁଖ ଯୋଗ ଦେଇ କେତେକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଣିକି ଡାକ ବିଭାଗ ଦ୍ୱାରା ପାସ୍‌ପୋର୍ଟ ଲାଗି ଆବେଦନ ଓ ପ୍ରମାଣପତ୍ର ପାଇପାରିବେ ବୋଲି ମୁଖ୍ୟ ଡାକପାଳ ଶ୍ରୀ ମାଝି କହିଥିଲେ। ଜଳେଶ୍ୱରରୁ ବାଲେଶ୍ୱର ବସ୍‌ଯୋଗ ଡାକସେବା ଠିକ୍‌ଭାବେ ହୋଇପାରୁନଥିବାରୁ ପୂର୍ବଭଳି ରେଳ ଯୋଗେ ଯାତାୟାତ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ କୋର୍ଟ ପରିସରରେ ଥିବା ୬ଟି କୋର୍ଟରୁ ପ୍ରାୟ ହାରାହାରି ୨ଶହରୁ ଅଧିକ ରେଜିଷ୍ଟ୍ରୀ ଡାକ ପ୍ରତ୍ୟେହ ଦେଣନେଣ ହେଉଥିବାରୁ ସେଠାରେ ଏକ ଡାକଘର ପ୍ରତିଷ୍ଠା ଲାଗି ପ୍ରସ୍ତାବ ଆଗତ ହୋଇଛି । ଭୋଗରାଇର ଥାନାଛକଠାରେ ଡାକବିଭାଗକୁ ହସ୍ତାନ୍ତର ହେବା ସ୍ଥାନରୁ ଜବରଦଖଲ ମୁକ୍ତ କରିବାକୁ ଅନ୍ୟଏକ ପ୍ରସ୍ତାବରେ କୁହାଯାଇଛି। ବିଭିନ୍ନ ସ୍ଥାନରେ ଡାକମେଳା ଅନୁଷ୍ଠିତ କରାଯାଇ ସଚେତନତା ସୃଷ୍ଟିପାଇଁ ପଦକ୍ଷେପ ଗ୍ରହଣ ହୋଇଛି ।

## ସାରସ କ୍ଷେତ୍ରରେ ଆଗେଇ ଚାଲିଛି ରଥ ନିର୍ମାଣ



ସାରସକଣା/ଜାମଶୋଳା, ୨୮।୬ (ସମିସ): ଆଗାମୀ ଜୁଲାଇ ୭ ତାରିଖ ଶ୍ରୀଗୁଣ୍ଡିଚାଯାତ୍ରା ନିମନ୍ତେ ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠର ରଥ ନିର୍ମାଣ କାର୍ଯ୍ୟ ଦ୍ରୁତବେଗରେ ଆଗେଇ ଚାଲିଥିବାର ଦେଖିବାକୁ ମିଳିଛି। ନିର୍ମାଣ କାମ ସମୟୋଚିତ ଶେଷ କରିବାକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ, ପ୍ରଦୀପ କୁମାର ପାଳିତ, ସୁରଥ କୁମାର ସାହୁ, ନବକିଶୋର ସେଠୀ ଓ ଦୁର୍ଗା ପ୍ରସାଦ ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥର ମୁଖ୍ୟ ମହାରଣା ଗୋଲକ ଚନ୍ଦ୍ର ଦଣ୍ଡପାଟ, ଦୁଇ ସହକାରୀ ମୋହନ ବେହେରା, ବିମଳ ସିଂ ଓ ମିସ୍ତ୍ରୀମାନଙ୍କ ସହିତ ସକାଳରୁ ସଞ୍ଜ ପର୍ଯ୍ୟନ୍ତ କାମରେ ତତ୍ପର ରହୁଥିବାର ଦୃଷ୍ଟିଗୋଚର ହେଉଛି ।

### ବର୍ଷା ଆଣିଦେଲା ଆଶ୍ୱସ୍ତି

## ଚାଷୀ ମୁହଁରେ ହସ



ମୋରଡ଼ା, ୨୮।୬(ସମିସ): ସାରା ରାଜ୍ୟରେ ଗ୍ରୀଷ୍ମଲହରୀ ଚାଲିଥିବା ବେଳେ ସମଗ୍ର ବିଶ୍ୱରେ ସବୁଠାରୁ ଉତ୍ତପ୍ତ ସହରର ରେକର୍ଡ ଭାଙ୍ଗିଥିଲା ମୟୂରଭଞ୍ଜ। ଗତ ସପ୍ତାହରେ ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିଲା। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମୁଣ୍ଡଫଟା ଖରା ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଥିଲା । ଚାଷ ଜମି ଗୁଡିକ ଫାଟି ଆଁ ହୋଇଯାଇଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ଉପରକୁ ଅନାଇ ବସିଥିବାର ଦେଖିବାକୁ ମିଳିଥିଲା । ତେବେ ଦେବସ୍ନାନ ପୂର୍ଣ୍ଣିମା ସରିଲା ଭଗବାନ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ଡାକ ଶୁଣିଲେ। ମୌସୁମୀ ଆସିଲା ଫସଲ ହସି ଉଠିଲା ଏବଂ ଚାଷୀ ର ଖୁସି ନକହିଲେ ସରେ । ରାଜ୍ୟରେ ଧାନର ମୂଲ୍ୟ ୩୧୦୦ହେବା ପରେ ସବୁ ଜମିରେ ଏବେ ଟ୍ରାକ୍ଟର ବୁଲୁଥିବାର ଦେଖିବାକୁ ମିଳୁଛି । କିଛି ଦିନ ହେବ ପାଗର ସାମାନ୍ୟ ପରିବର୍ତ୍ତନ ଓ ମେଘୁଆ ପାଗ ହେତୁ ଗରମରୁ ଟିକେ ତ୍ରାହି ମିଳିଥିଲା। ହେଲେ ଗତକାଲି ମୋରଡ଼ା ବ୍ଲକର ଚିତ୍ରଡା, ହଳଦୀପାଳ, ମୋରଡ଼ା, ଧଡାସାହି ଓ ନୂଆଗାଁ ସହ ପ୍ରାୟ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ପ୍ରାୟ ଏକ ଘଣ୍ଟା ରୁ ଅଧିକ ସମୟ ଧରି ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଫଳରେ ଛୋଟ ଛୋଟ ଗଛଗୁଡ଼ିକ ମଧ୍ୟ ପବନରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁଁ ଦୀର୍ଘ ଦିନର ଅସହ୍ୟ ଗରମରୁ ଟିକେ ଟିକେ ଆଶ୍ୱସ୍ତି ଅନୁଭବ କରିଛନ୍ତି ପୁରା ଅଞ୍ଚଳବାସୀ ।

## ଜୁଲାଇ ୧୦ରେ ଦେଓବନ୍ଧରୁ କେନାଲ ଯୋଗେ ଛଡ଼ାଯିବ ପାଣି



କରଞ୍ଜିଆ, ୨୮।୬(ସମିସ): ଚଳିତ ଖରିଫ ଚାଷ ପାଇଁ ଦେଓବନ୍ଧ କେନାଲ ଯୋଗେ ଜୁଲାଇ ୧୦ତାରିଖ ବୁଧବାର ପାଣି ଛଡ଼ାଯିବ ବୋଲି ଦେଓ ଅଧିକ୍ଷଣ ଯନ୍ତ୍ରୀ ଇ ନାରାୟଣ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ଆଷାଢ଼ ଯାଇ ଅଧାହେଲା ଚାଷୀ ଚାଷ କାମ ଅଧା ପନ୍ତରିଆ କରି ରଖିଛି । ଆଶା କେନାଲ ପାଣି ଆସିଲେ ଚାଷ କାମ ଆଗେଇବ। ଏଥିପାଇଁ ଦେଓ କେନାଲରେ ପାଣି ଛାଡିବାକୁ ଚାଷୀ ଦାବୀ କରୁଥିବା ବେଳେ କେନାଲ ତଦାରଖ ପାଇଁ କେନାଲରେ ପାଣି ଛାଡ଼ିବା ବିଳମ୍ବ ହେଉଥିଲା ଏବେ କେନାଲ ତଦାରଖ ପ୍ରାୟ ସମାପ୍ତ ହୋଇଛି । ଜୁଲାଇ ୧୦ ତାରିଖ ଦିନ ଦେଓବନ୍ଧରୁ କେନାଲରେ ପାଣି ଛାଡ଼ିବା ନିଷ୍ପତ୍ତି ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ପାଣି ଚାଲିଲେ ଚାଷ କାମ ତ୍ୱରିତ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଆଷାଢ଼ ଅଧାହେଲାନୀ ହେଲେ ମୌସୁମି ବର୍ଷା ହୋଇନାହିଁ । କେବଳ ଚାଷୀଙ୍କୁ ଭରସା ଦେଓବନ୍ଧ ଏବଂ ସେମାନେ କେନାଲ ପାଣିକୁ ଚାତକ ପରି ଚାହିଁ ରହିଛନ୍ତି ।

### ଇସ୍ପାତ ଆଲୋଏଜ୍ କର୍ମଚାରୀ ସଙ୍ଘ ପକ୍ଷରୁ ଶ୍ରମିକ ସମାବେଶ

# ଶ୍ରମିକଙ୍କ ସ୍ୱାର୍ଥରକ୍ଷା ସହ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର, ୨୮।୬(ସମିସ) :




ବାଲେଶ୍ୱର ଇସ୍ପାତ ଆଲୋଏଜ୍‌ର କର୍ମଚାରୀ ମାନଙ୍କ ସ୍ୱାର୍ଥରକ୍ଷା ସହ କମ୍ପାନୀର ସ୍ୱାର୍ଥରକ୍ଷା କରିବାକୁ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପରାମର୍ଶ ଦେଇଛନ୍ତି । ଏହି କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଯେଭଳି ଅଧିକ ଉତ୍ପାଦନ କରିପାରିପାରିବେ ଓ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳିପାରିବ ସେଥିପାଇଁ ଇସ୍ପାତ ଆଲୋଏଜ୍ କର୍ମଚାରୀ ସଙ୍ଘ କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ । ଶୁକ୍ରବାର ଅପରାହ୍ନରେ ଇସ୍ପାତ ଆଲୋଏଜ୍ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କହିଥିଲେ କି, କମ୍ପାନୀ ଯଦି ଭଲରେ ଚାଲିବ ଓ ଭଲ ଉତ୍ପାଦନ କରିବ ତେବେ ନିଶ୍ଚିତ କମ୍ପାନୀ କର୍ମଚାରୀଙ୍କ ନ୍ୟାଯ୍ୟଦାବି ପୂରଣ କରିବ । କମ୍ପାନୀକୁ କିଭଳି ଭଲ ଖଣି ମିଳିପାରିବ ସେ ଦିଗରେ ସରକାର ଉଦ୍ୟମ କରିବା ଆବଶ୍ୟକ। ଏହାସହିତ ସ୍ଥାନୀୟ ବାଲ୍‌ଗୋପାଳପୁର ଓ ରେମୁଣା ଅଞ୍ଚଳରେ କମ୍ପାନୀ କର୍ତ୍ତୃପକ୍ଷ ଓ କର୍ମଚାରୀ ସଂଘ ପକ୍ଷରୁ ଚାରା ରୋପଣ ବ୍ୟାପକଭାବେ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପରିବେଶ ସୁରକ୍ଷାପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏହି ଅବସରରେ ଦ୍ୱିତୀୟଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ହେତୁ ବିଧାୟକ ଶ୍ରୀ ଦାସଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କର୍ମଚାରୀ ସଂଘର ସଭାପତି ଇଂଜିନିୟର ବିଭୁପଦ ଦାସ ଏହି ସମାବେଶରେ ପୌରୋହିତ୍ୟ କରି କହିଥିଲେ କି କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ରହିଛି । ପ୍ଲାଣ୍ଟର କାର୍ଯ୍ୟରତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ତଥା ଶ୍ରମିକମାନେ କମ୍ପାନୀର ସ୍ୱାର୍ଥରକ୍ଷା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ତେବେ ସେମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ ପାରିଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ଆବଶ୍ୟକ। ତେବେ ପ୍ଲାଣ୍ଟ ଲାଭରେ ଚାଲିଥିବାରୁ ସେମାନଙ୍କ ଦୀର୍ଘଦିନର ଦାବି ପୁରଣ କରିବାର ବେଳ ଆସିଯାଇଛି। କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀ ସଂଘର ବିଭିନ୍ନ ଦାବିଗୁଡ଼ିକୁ ଅବିଳମ୍ବେ ପୁରଣ କରିବା ଆବଶ୍ୟକ। ଏଥିପାଇଁ କର୍ମଚାରୀସଂଘ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ପାଇଁ ମଧ୍ୟ ପ୍ରସ୍ତୁତ ରହିଛି। କର୍ମଚାରୀ ଓ ଶ୍ରମିକମାନେ ମଧ୍ୟ ପ୍ଲାଂଟରେ ନିଜର ଦାୟିତ୍ୱକୁ ଠିକ୍‌ଭାବେ ପାଳନ କରିବା ଆବଶ୍ୟକ। କମ୍ପାନୀକୁ ସହଯୋଗ କରିବାପାଇଁ କର୍ମଚାରୀ ସଂଘ ସବୁବେଳେ ପ୍ରସ୍ତୁତ ରହିଛି। ଏହି ସମାବେଶରେ ସଂଘର ସମ୍ପାଦକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିବେଳେ ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ଉପସ୍ଥିତ ଥିଲେ।

## କଂଗ୍ରେସର ସମୀକ୍ଷା ବୈଠକକୁ ଆସିଲେନି ସୁଦର୍ଶନ

ଜଳେଶ୍ୱର ବ୍ଲକ, ୨୮।୬ (ସମିସ) : ନିର୍ବାଚନର କିଛିଦିନ ପରେ କଂଗ୍ରେସ ପକ୍ଷରୁ ଏକ ସମୀକ୍ଷା ବୈଠକ ଭଞ୍ଜଶ୍ରୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି । କିନ୍ତୁ ଏଥିରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ଅନୁପସ୍ଥିତି ବେଳେ କଂଗ୍ରେସ କର୍ମୀଙ୍କ ଆତ୍ମ ସମ୍ମାନ ଫେରାଇ ଆଣିବା ପାଇଁ କଂଗ୍ରେସକୁ ପୁନଃ ସଂଗଠିତ ପାଇଁ ଆହ୍ୱାନ ଦିଆଯାଇଛି। ପୂର୍ବତନ ପିସିସ ସଭ୍ୟ ଲକ୍ଷ୍ମୀକାନ୍ତ କରଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ପ୍ରାର୍ଥୀ ଏକ ନୈରାଶ୍ୟ ଜନକ ଭୋଟ ପାଇଥିବାରୁ କଂଗ୍ରେସକୁ ଭଲ ପାଉଥିବା ସମସ୍ତ କର୍ମୀ ମର୍ମାହତ ହୋଇଛନ୍ତି। କଂଗ୍ରେସକୁ ଆଉଥରେ ସଂଘଠିତ କରି ଜଳେଶ୍ୱରରେ କଂଗ୍ରେସ କର୍ମୀଙ୍କ ଆତ୍ମସମ୍ମାନ ଓ ମନବଳ ଫେରାଇ ଆଣିବାକୁ ସେ ଆହ୍ୱାନ ଦେଇଥିଲେ। ଆସନ୍ତା ପଞ୍ଚାୟନ ନିର୍ବାଚନକୁ ପ୍ରତି ଗ୍ରାମ ଓ ବୁଥ ସ୍ତରରୁ କଂଗ୍ରେସକୁ ସଂଗଠିତ କରି ମନବଳ ଦୃଢ କରିବାକୁ ସେ କହିଥିଲେ । ବରିଷ୍ଠ ଆଇନ୍‌ଜୀବୀ ସତ୍ୟସୁନ୍ଦର ଦାସଙ୍କ ଆବାହକତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ଦେବିପ୍ରସନ୍ନ ଚନ୍ଦ, ବ୍ଲକ ସଭାପତି ରାଜୀବ ପରିଡ଼ା, ନଗର ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ, ଓ ଯୁବନେତା ମଧୁସୂଦନ ଦାସ ଏଥିରେ ବକ୍ତବ୍ୟ ରଖି ଦଳକୁ ସୁଦୃଢ କରିବା ପାଇଁ କହିଥିଲେ। ଏହି ବୈଠକରେ କଂଗ୍ରେସର ବହୁ କର୍ମୀ ଯୋଗ ଦେଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ଅନୁପସ୍ଥିତି ବହୁ କର୍ମୀଙ୍କୁ ବିସ୍ମିତ କରିଥିଲା ।

